୬ ଇତିହାସ ରଚିଲେ କୋହଲି : ୧୫,୦୦୦ ରନ୍ କ୍ଲବରେ ହେଲେ ସାମିଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୩୯ ● ୨୮ସେପ୍ଟେମ୍ବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-239 ● 28th September 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ମହାନଦୀରେ ପୁଣି ବନ୍ୟା

# ଆଜି ମୁଣ୍ଡଳୀରେ ପହଞ୍ଚିବ ୮ ଲକ୍ଷ କ୍ୟୁସେକ ଜଳ



**କଟକ, ୨୭।୯ : ନ୍ୟୁଜ୍ ବ୍ୟୁରୋ**

ମହାନଦୀରେ ଆସିଛି ପୁଣି ବନ୍ୟା। ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବଢ଼ିଥିବାବେଳେ ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ୨୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଆବଶ୍ୟକ ପଡ଼ିଲେ ସୋମବାର ଆହୁରି କିଛି ଗେଟ୍ ଖୋଲାଯାଇପାରେ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମହାନଦୀରେ ଏହା ଚତୁର୍ଥ ବନ୍ୟା। ମୁଣ୍ଡଳୀରେ ରବିବାର ରାତି ସୁଦ୍ଧା ପ୍ରାୟ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ଜଣାପଡିଛି। ସୋମବାର ସକାଳ ୯ଟା ସୁଦ୍ଧା ଏହା ପ୍ରାୟ ୮ ଲକ୍ଷ କ୍ୟୁସେକ୍‌ରେ ପହଞ୍ଚିପାରେ। ଫଳରେ ମହାନଦୀ ସହ ଏହାର ଶାଖାନଦୀ କାଠଯୋଡ଼ି, କୁଆଖାଇ, ଦେବୀ, କୁଶଭଦ୍ରା ଓ ଦୟାରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେବାର ଆଶଙ୍କା ରହିଛି। ବନ୍ୟା ପ୍ରଭାବରେ ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା, ଗୋପ, ଏରସମା, ବାଲିକୁଦା ଓ ପାଟକୁରା ଭଳି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିପାରେ। ଏହି ସ୍ଥିତି ପ୍ରାୟ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଲାଗି ରହିପାରେ। ବିଶେଷକରି କଟକ, ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ବନ୍ୟାଜଳ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ *(ପୃଷ୍ଠା ୭ରେ)*

## ହୀରାକୁଦରେ ଖୋଲିଲା ଆଉ ୬ଟି ସ୍ଲୁଇସ୍ ଗେଟ୍

**ସମ୍ବଲପୁର, ୨୭।୯ : ନ୍ୟୁଜ୍ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ପୁଣି ବଢ଼ିବାରୁ ରୁଲକର୍ଭର ଉତ୍ତମ ପରିଚାଳନା ସ୍ୱରୂପ ରବିବାର ପର୍ଯ୍ୟାୟକ୍ରମେ ଆଉ ୬ଟି ସ୍ଲୁଇସ୍ ଗେଟ୍ ଖୋଲି ଦିଆଯାଇଛି। ଫଳରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ବାମ ପାର୍ଶ୍ୱର ୧୭ଟି ଓ ଦକ୍ଷିଣ ପାର୍ଶ୍ୱର ୯ଟି, ଏହିପରି ମୋଟ ୨୬ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି।

ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ୨.୧୩ ମିମି ଓ ତଳମୁଣ୍ଡରେ ୫.୩୮ ମିମି ବର୍ଷା ରେକର୍ଡ ହୋଇଛି। ରବିବାର ଅପରାହ୍ନ ସାଢ଼େ ୨ଟାରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଜଳଭଣ୍ଡାରର ଜଳସ୍ତର ୬୨୮.୨୫ ଫୁଟ୍‌କୁ ହ୍ରାସ ପାଇଛି।

ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୪ ଲକ୍ଷ ୫୧ ହଜାର ୩୩ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୪ ଲକ୍ଷ ୬୨ ହଜାର ୬୪୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

ସେଥିମଧ୍ୟରୁ ୨୬ଟି ସ୍ଲୁଇସ୍ ଗେଟ୍ ଜରିଆରେ ୪ ଲକ୍ଷ ୨୪ ହଜାର ୦୬୦ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୧,୭୩୨ ଘନଫୁଟ, ବରଗଡ଼ କେନାଲରେ ୩,୦୫୮ ଘନଫୁଟ, ଶାସନ କେନାଲରେ ୫୦୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୫ ଘନଫୁଟ ଏବଂ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ୨୨୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ତେବେ ଉପର ମୁଣ୍ଡରେ ବର୍ଷା ପରିମାଣ କମୁଥିବାରୁ ହୀରାକୁଦ ଜଳଭଣ୍ଡାରକୁ ବର୍ଷା ଜଳ ପ୍ରବେଶ ହ୍ରାସ ପାଇବାର ସମ୍ଭାବନା ରହିଛି। ଫଳରେ ମହାନଦୀରେ ବଡ ଧରଣର ବନ୍ୟା ବିପ୍ଳାତ ସୃଷ୍ଟି ହେବାର ନାହିଁ ବୋଲି କୁହାଯାଉଛି।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ମନ୍ କି ବାତ୍'

# ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କୁ ଉପଯୁକ୍ତ ଜବାବ ଦେବ ଭାରତ



**ନୂଆଦିଲ୍ଲୀ, ୨୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ରେ କହିଛନ୍ତି ଯେ ଆଗାମୀ ଜନଗଣନା ଦେଶର ପ୍ରତ୍ୟେକ ନାଗରିକଙ୍କ ଏକ ଜାତୀୟ ଦାୟିତ୍ୱ। ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ଆହ୍ୱାନ କରୁଥିବା ଲୋକଙ୍କୁ ଭାରତ ଉପଯୁକ୍ତ ଜବାବ ଦେବ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୨୦୧୬ର ସର୍ଜିକାଲ ଷ୍ଟ୍ରାଇକକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ଆତଙ୍କବାଦ ବିରୋଧରେ ଭାରତର ନୀତି ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହା ବ୍ୟତୀତ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ନେତା ଅଶୋକ ସିଂହଲଙ୍କ ଜନ୍ମ ଶତବାର୍ଷିକୀ, ଗୁଜରାଟର ମୋଧେରା ସୂର୍ଯ୍ୟ ମନ୍ଦିର ଏବଂ ଭାରତର ସାଂସ୍କୃତିକ ଐତିହ୍ୟ ତଥା ଜନସାଧାରଣଙ୍କ ଅଂଶଗ୍ରହଣର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।'ମନ୍ କି ବାତ୍'ର ୧୩୮ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ଜାତୀୟ ଜନଗଣନାରେ ପ୍ରତ୍ୟେକ ନାଗରିକଙ୍କ ଅଂଶଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଥିଲେ ଯେ ଜନଗଣନା କେବଳ ତଥ୍ୟ ସଂଗ୍ରହ ପ୍ରକ୍ରିୟା ନୁହେଁ ବରଂ ଏହା ପ୍ରତ୍ୟେକ ନାଗରିକଙ୍କ ଜାତୀୟ ଦାୟିତ୍ୱ। ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେଉଁମାନେ ଆତଙ୍କବାଦ ପ୍ରତି ଆଖି ବନ୍ଦ କରିଦେବେ ସେମାନଙ୍କୁ ଭାରତ ଉପଯୁକ୍ତ ଜବାବ ଦେବ।ପ୍ରଧାନମନ୍ତ୍ରୀ ୨୦୧୬ ମସିହା ସେପ୍ଟେମ୍ବର ମାସରେ ନିୟନ୍ତ୍ରଣ ରେଖାରେ ପାକିସ୍ତାନରେ ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ହୋଇଥିବା ସର୍ଜିକାଲ୍ ଷ୍ଟ୍ରାଇକର ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ଯେ ଏହି କାର୍ଯ୍ୟାନୁଷ୍ଠାନ ବିଶ୍ୱବ୍ୟାପୀ ପ୍ରଭାବ ପକାଇଛି ଏବଂ ଆତଙ୍କବାଦ ବିରୋଧରେ ଭାରତର ନୀତିର ଏକ ସ୍ପଷ୍ଟ ବାର୍ତ୍ତା ପଠାଇଛି। ପ୍ରଧାନମନ୍ତ୍ରୀ ଗତ ଦଶନ୍ଧି ମଧ୍ୟରେ ବାଲାକୋଟ ବିମାନ ଆକ୍ରମଣ ଠାରୁ ଆରମ୍ଭ କରି ଅପରେସନ ସିନ୍ଦୁର ପର୍ଯ୍ୟନ୍ତ ଆତଙ୍କବାଦ ବିରୋଧରେ ଭାରତର କାର୍ଯ୍ୟାନୁଷ୍ଠାନ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ।ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ନେତା ଅଶୋକ ସିଂହଲଙ୍କ ଜନ୍ମ ଶତବାର୍ଷିକୀ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଅଶୋକ ସିଂହଲ ୧୯୨୬ ମସିହା ସେପ୍ଟେମ୍ବର ୨୭ ତାରିଖରେ ଆଗ୍ରାରେ ଜନ୍ମଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ତାଙ୍କ ପରିବାର ସମୃଦ୍ଧ ଏବଂ ତାଙ୍କ ପିତା ପ୍ରଶାସନିକ ସେବାରେ ଥିଲେ। ତାଙ୍କ ଭାଇଭଉଣୀମାନେ ମଧ୍ୟ ଉଚ୍ଚ ପଦବୀରେ ରହିଥିଲେ। ଅଶୋକ ସିଂହଲ ଆଇଆଇଟି-ବିଏଚୟୁରୁ ଶିକ୍ଷା ଗ୍ରହଣ କରିଥିଲେ, କିନ୍ତୁ ପରେ ଆରାମଦାୟକ ଜୀବନ ଛାଡ଼ି ସାମାଜିକ ଏବଂ ସାଂସ୍କୃତିକ ସେବାର ପଥ ବାଛିଥିଲେ।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅଶୋକ ସିଂହଲ ଦୀର୍ଘ ସମୟ ଧରି ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ କାର୍ଯ୍ୟ କରିଥିଲେ। *(ପୃଷ୍ଠା ୭ରେ)*

## ୟେମେନ୍ ବଜାରରେ ଆକ୍ରମଣ ୭ ମୃତ, ୪୦ ଆହତ

**ସାନା, ୨୭।୯**

ୟେମେନରେ ହୁତି ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ତାଇଜ୍ ପ୍ରଦେଶର ମାୱିୟା ଜଙ୍କସନ୍‌ରେ ଏକ ବଜାରରେ ଥିବା ଦୋକାନ ଉପରେ ଆକ୍ରମଣରେ ଶିଶୁଙ୍କ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରା ସାରି ଝାରସୁଗୁଡ଼ା ଫେରିଲେ ୫୦ ଜଣ ବରିଷ୍ଠ ନାଗରିକ।
- ନ୍ୟୁୟର୍କରେ କାନାଡା, ମେକ୍ସିକୋ ଏବଂ ଭେନେଜୁଏଲାର ବୈଦେଶିକ ମନ୍ତ୍ରୀମାନଙ୍କୁ ଭେଟିଲେ ଜୟଶଙ୍କର।
- ବିହାର ପୋଲିସ ମହାନିର୍ଦ୍ଦେଶକ ବିନୟ କୁମାରଙ୍କ ସ୍ୱେଚ୍ଛାକୃତ ଅବସର ଗ୍ରହଣ , ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତ।
- ଅଶୋକ ସିଂଘଲଙ୍କ ଜୀବନ ତ୍ୟାଗ ଓ ସଂଘର୍ଷର ପ୍ରତୀକ : ଅମିତ ଶାହ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୬୮ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୯୫ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୫୧ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

## ଦେଶର ପ୍ରଥମ ଏଲଏନଜି ଟ୍ରେନ୍ ଶୁଭାରମ୍ଭ କଲେ ଅମିତ ଶାହ




**ନୂଆଦିଲ୍ଲୀ, ୨୭।୯**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ଦେଶର ପ୍ରଥମ ଏଲ୍‌ଏନଜି ଟ୍ରେନର ଶୁଭାରମ୍ଭ କରିଛନ୍ତି। ଅହମଦାବାଦର ସାବରମତୀ ଷ୍ଟେସନରୁ ଏହି ଟ୍ରେନ୍ ଗଡ଼ିଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶାହ ୱାଗ୍-୧୨ ଲୋକୋମୋଟିଭର ଶୁଭାରମ୍ଭ କରିଛନ୍ତି ଏବଂ ୧୫୦୦ରୁ ଅଧିକ କୋଟି ଟଙ୍କାର ରେଳପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ଲାଇନ୍ ଡବଲିଙ୍ଗ୍ କାର୍ଯ୍ୟ, କବଚ ଟ୍ରେନ୍ ସୁରକ୍ଷା ପଦ୍ଧତି, ଅଟୋମେଟିକ ସିଗ୍ନାଲିଂ ସିଷ୍ଟମ୍ ଏବଂ ୱାଗ୍-୧୨ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ ମେଣ୍ଟେନାନ୍ସ ସେଡ୍ ମଧ୍ୟ ଅନ୍ତର୍ଭୁକ୍ତ। ଶ୍ରୀ ଶାହ କହିଛନ୍ତି, ଡେଡିକେଟେଡ୍ ଫ୍ରାଇଟ୍ କରିଡର ର୍ୟାପିଡ ରେଲ୍ ସିଷ୍ଟମ୍, ପ୍ରିମିୟମ୍ *(ପୃଷ୍ଠା ୭ରେ)*

# ବନ୍ୟା ପ୍ରଭାବିତ କୋଟପାଡ଼ ଅଞ୍ଚଳର ସ୍ଥିତି ବୁଝିଲେ ମୁଖ୍ୟମନ୍ତ୍ରୀ

**ଜୟପୁର, ୨୭।୯ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କୋରାପୁଟ ଜିଲ୍ଲାର ବନ୍ୟା ପ୍ରଭାବିତ କୋଟପାଡ଼ ବ୍ଲକ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ପିରିଞ୍ଜି ଓ ଚାନ୍ଦିଲି ଅଞ୍ଚଳର ବନ୍ୟା ପରିସ୍ଥିତି ଓ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ପରେ ସେ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟରେ ସ୍ଥାପିତ ଆଶ୍ରୟ ସ୍ଥଳୀ ପରିଦର୍ଶନ କରିଥିଲେ। ହେଲିକପ୍ଟରରେ ଜୟପୁର ଏୟାର ପୋର୍ଟରେ ପହଞ୍ଚି ରାସ୍ତା ଯୋଗେ କୋଟପାଡ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ସେଠାରୁ ଆସି ଜୟପୁର ଏୟାରପୋର୍ଟରେ ସମୀକ୍ଷା କରିଥିଲେ।


ଆଶ୍ରୟ ସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରି ସେମାନଙ୍କ



ସମସ୍ୟା, ଆବଶ୍ୟକତା ଓ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଆଶ୍ରୟ ସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ, ଶିଶୁ ଖାଦ୍ୟ ଓ ଔଷଧ ଯୋଗାଣର ବ୍ୟବସ୍ଥା ମଧ୍ୟ ଯାଞ୍ଚ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, "କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବନ୍ୟା ପୀଡ଼ିତଙ୍କ ସହ ସରକାର ଅଛନ୍ତି। କ୍ଷୟକ୍ଷତି ଆକଳନ ପରେ ନିୟମାନୁଯାୟୀ ଆବଶ୍ୟକ ସହାୟତା ପ୍ରଦାନ କରାଯିବ।" ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ବନ୍ୟା ପରିସ୍ଥିତିକୁ ନେଇ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ତିନି ଜିଲ୍ଲାର ବନ୍ୟା ପରିସ୍ଥିତି, ପ୍ରଭାବିତ ଅଞ୍ଚଳ, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ, ଆଶ୍ରୟ ସ୍ଥଳୀରେ ଉପଲବ୍ଧ ସୁବିଧା ଏବଂ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବର୍ତ୍ତମାନ ଆଶ୍ରୟ ସ୍ଥଳୀରେ ରହୁଥିବା ବନ୍ୟା ପୀଡ଼ିତ ପରିବାରମାନଙ୍କ ପାଇଁ ୧୫ ଦିନର ଖାଦ୍ୟ, ରାସନ, ପୋଷାକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯିବ। ଏଥିସହ ସମସ୍ତ ବନ୍ୟା ପୀଡ଼ିତଙ୍କୁ ନିୟମାନୁଯାୟୀ ଅଗ୍ରିମ *(ପୃଷ୍ଠା ୭ରେ)*




## ନେପାଳରେ ଭୟଙ୍କର ହିମସ୍ଖଳନ : ୧୦ ନିଖୋଜ

**କାଠମାଣ୍ଡୁ, ୨୭।୯**

ପଶ୍ଚିମ ନେପାଳର ତାଦ୍ଦତ ସୀମା ନିକଟସ୍ଥ ହିମଲୁଙ୍ଗ ହିମାଳର ବେସ୍ କ୍ୟାମ୍ପରେ ରବିବାର ସକାଳେ ଭୟଙ୍କର ହିମସ୍ଖଳନ ଘଟିଛି। ଏହି ଘଟଣାରେ ଅତି କମରେ ୧୦ ଜଣ ନିଖୋଜ ଥିବା ସୂଚନା ମିଳିଛି। ନିଖୋଜଙ୍କ ମଧ୍ୟରେ ଜଣେ ଆୟୋଜକଙ୍କ କିଚେନର ଦୁଇଜଣ କର୍ମଚାରୀ ମଧ୍ୟ ଥିବା କୁହାଯାଉଛି।

ଆୟୋଜକ ମିଙ୍ଗମା ଗ୍ୟାଲଜେ ଶେର୍ପାଙ୍କ ସୂଚନା ଅନୁଯାୟୀ, ଗତ ସପ୍ତାହରେ ଖରାପ ପାଣିପାଗ ନେଇ ସତର୍କ ସୂଚନା ଜାରି ହେବା ପରେ ଅଭିଯାନକାରୀ *(ପୃଷ୍ଠା ୭ରେ)*

## ଡିଜିଟାଲ୍ ନବସୃଜନ ଓ ଗୋଷ୍ଠୀ ନେତୃତ୍ୱାଧୀନ ପର୍ଯ୍ୟଟନକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୭।୯**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ରବିବାର 'ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬' ପାଳିତ ହୋଇଯାଇଛି। ଚଳିତ ବର୍ଷ ପର୍ଯ୍ୟଟନ ବିକାଶ ନିମନ୍ତେ ଡିଜିଟାଲ୍ ନବସୃଜନ, ନିରନ୍ତର ପର୍ଯ୍ୟଟନ, ସଂସ୍ଥାଗତ ଭାଗିଦାରୀ, ସାହସିକ ଓ ଐତିହ୍ୟ ପର୍ଯ୍ୟଟନ, ଉଦ୍ୟୋଗିତା ଏବଂ ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥାରେ ସ୍ଥାନୀୟ ଗୋଷ୍ଠୀଭିତ୍ତିକ ସକ୍ରିୟ ଭାଗିଦାରୀକୁ ଗୁରୁତ୍ୱ ଦିଆଯାଇଛି।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରବିବାରଟାରେ ଖୋଲାଖୋଲି କରି
ରଚି ନେଲେ ଇତିହାସ
ତାପର ତିନିଦିନ ଯାକ
ଅଚଳ ଅବସ୍ଥା କଷ
ଦେଣନେଣ କାରବାର ନାଶ
ଜନତାକୁ ଭଲ ହଇରାଣ କରି
ପକାନ୍ତି ନିଜର ଫାସ।

# ୨୮ରୁ ୩୦ ଓଡ଼ିଶାରେ ପ୍ରାୟ ୩୦୦୦ ବ୍ୟାଙ୍କ ଶାଖା ବନ୍ଦ




**ଭୁବନେଶ୍ୱର, ୨୭।୯**
**ନ୍ୟୁଜ୍ ବ୍ୟୁରୋ**

ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫବିୟୁ) ପକ୍ଷରୁ ସୋମବାର ଠାରୁ ୩ ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ସପ୍ତାହରେ ୫ ଦିନ କାର୍ଯ୍ୟଦିବସକୁ ଲାଗୁ କରିବା ସହିତ ଅନ୍ୟାନ୍ୟ ଦାବିରେ ରାଷ୍ଟ୍ରାୟତ୍ତ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇଛନ୍ତି।

ଧର୍ମଘଟ ପାଇଁ ବ୍ୟାଙ୍କିଂ ସେବା ପ୍ରଭାବିତ ହେବାକୁ ଥିବାରୁ ସରକାର ରବିବାର ବ୍ୟାଙ୍କ ଖୋଲିବା ପାଇଁ ରାଷ୍ଟ୍ରାୟତ୍ତ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ରବିବାର ବ୍ୟାଙ୍କଗୁଡ଼ିକ ଖୋଲା ରହିଥିଲା। କିନ୍ତୁ ସୋମବାରଠାରୁ ଧର୍ମଘଟ ହେଲେ ସାରା ଦେଶରେ ବ୍ୟାଙ୍କିଂ ସେବା ପ୍ରଭାବିତ ହେବ। ଓଡ଼ିଶାରେ ପ୍ରାୟ ୩୦୦୦ ବ୍ୟାଙ୍କ ଶାଖା ବନ୍ଦ ରହିବ। ୩୬ ହଜାର କର୍ମଚାରୀ ଏଥିରେ ସାମିଲ ହେବେ।

ରାଜଧାନୀ ଭୁବନେଶ୍ୱରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିବେ ବୋଲି ୟୁଏଫବିୟୁର ଓଡ଼ିଶା ଆବାହକ ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ ବ୍ୟାଙ୍କ ଧର୍ମଘଟକୁ ଦୁର୍ବଳ କରିବା *(ପୃଷ୍ଠା ୭ରେ)*




ସୌଜନ୍ୟ : ସୋସିଆଲ ମିଡିଆ



# ସୁସ୍ଥ ଭବିଷ୍ୟତ ପାଇଁ ଆୟୁର୍ବେଦର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ସୁସ୍ଥ ଭବିଷ୍ୟତ ପାଇଁ ଆୟୁର୍ବେଦ ବାର୍ତ୍ତାକୁ ନେଇ ବାରିପଦାରେ ୧୧ତମ ଜାତୀୟ ଆୟୁର୍ବେଦ ଦିବସ ପାଳିତ ହୋଇଛି। ଏହି ଅବସରରେ ବାରିପଦା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ପରିସରରେ ଏକ ସ୍ୱତନ୍ତ୍ର ଚିକିତ୍ସା ଶିବିରର ଆୟୋଜନ କରାଯାଇଛି। ଶିବିରରେ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆୟୁର୍ବେଦ ଚିକିତ୍ସା ଓ ଜୀବନଶୈଳୀ ସମ୍ପର୍କରେ ରୋଗୀଙ୍କୁ ପରାମର୍ଶ ଦିଆଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିସହ ରୋଗୀ ଓ ଉପସ୍ଥିତ ଲୋକଙ୍କୁ ସ୍ୱତନ୍ତ୍ର କାଢ଼ା ଓ ଡିଟକ୍ସ ୱାଟର ପ୍ରଦାନ କରାଯାଇଥିଲା। ଆୟୁର୍ବେଦ କେବଳ ରୋଗର ଚିକିତ୍ସାରେ ସୀମିତ ନୁହେଁ; ବରଂ ସୁସ୍ଥ ଜୀବନଯାପନ, ରୋଗ ପ୍ରତିରୋଧ ଓ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ମଧ୍ୟ ଏହା ଗୁରୁତ୍ୱ ଦେଇଥାଏ ଏବଂ ପ୍ରାଚୀନ ମୁନିଋଷି ପରମ୍ପରାରୁ ଆସିଥିବା ଆୟୁର୍ବେଦକୁ ଆଧୁନିକ ସ୍ୱାସ୍ଥ୍ୟସେବାର ମୁଖ୍ୟଧାରାରେ ଅଧିକ ସୁଦୃଢ଼ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟବୋଲି ବାରିପଦା ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ଡାକ୍ତର କଲ୍ୟାଣ କୁମାର ମାଝୀ କହିଛନ୍ତି. ପୂର୍ବରୁ ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ଆୟୁର୍ବେଦ ଦିବସ ପାଳନ କରାଯାଉଥିଲା। ତେବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ୨୦୨୫ ମସିହାଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖରେ ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଉଛି। ସୁସ୍ଥ ମଣିଷକୁ ସୁସ୍ଥ ରଖିବା ସହ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦୀର୍ଘାୟୁ ଜୀବନ ପ୍ରଦାନ କରିବା ଦିଗରେ ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ଆପଣାଇବାକୁ ଏହି ଅବସରରେ ଡାକ୍ତର କଲ୍ୟାଣ କୁମାର ମାଝୀ ଆହ୍ୱାନ ଦେଇଛନ୍ତି।

# ଏସଆଇଆର ପରେ ବୌଦ୍ଧରେ ୩,୨୫,୮୮୬ ଭୋଟର : ବାଦ୍ ପଡିଲା ୫୮୮ ନାମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଭିଯାନର ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ନାୟକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି ଚୂଡ଼ାନ୍ତ ତାଲିକାକୁ ଉନ୍ମୋଚନ କରିଛନ୍ତି। ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଅନିରୁଦ୍ଧ ପ୍ରଧାନ ସମସ୍ତ ରାଜନୈତିକ ଦଳ ଓ ଗଣମାଧ୍ୟମ କରାଯାଇଥିଲା। ତଦନ୍ତ ପରେ ମୃତ୍ୟୁ, ସ୍ଥାନାନ୍ତରଣ, ଅନୁପସ୍ଥିତି ତଥା ଦୁଇଥର ନାମ ଥିବା କାରଣରୁ ନିର୍ଦ୍ଧାରିତ ନିୟମ ଅନୁସାରେ ମୋଟ ୫୮୮ ଜଣଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଫର୍ମ ନମ୍ବର-୬ ଜରିଆରେ ନୂତନ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ଖସଡ଼ା ଭୋଟର ତାଲିକା ଉପରେ ଆସିଥିବା ସମସ୍ତ ଦାବି ଓ ଆପତ୍ତିଗୁଡ଼ିକର ଯଥାବିଧି ସମାଧାନ କରାଯାଇଛି। ୮୫-କନ୍ଧମାଳ ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ୮୪,୬୨୩ ଜଣ ,ମହିଳା ଭୋଟର ୮୦,୭୭୩ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୦୪ ଜଣଙ୍କ ସହିତ ମୋଟ ଭୋଟର ୧,୬୫,୪୦୦ ଜଣ ରହିଛନ୍ତି । ସେହିପରି ୮୬-ବୌଦ୍ଧ ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ୮୨,୬୬୪ ଜଣ ,ମହିଳା ଭୋଟର ୭୭,୮୧୫ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୦୭ ଜଣ ଙ୍କ ସହିତ ମୋଟ ଭୋଟର ୧,୬୦,୪୮୬ ଜଣ ରହିଛନ୍ତି । ସମଗ୍ର ଜିଲ୍ଲାରେ ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ୧୬୭୨୮୭ ଜଣ ,ମହିଳା ଭୋଟର ୧୫୮୫୮୮ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୧୧ ଜଣଙ୍କ ସହିତ ମୋଟ ଭୋଟର ୩୨୫୮୮୬ ଜଣ ରହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ, ଜିଲ୍ଲାର ଯୁବ, ପ୍ରଥମ ଥର ଭୋଟର ଏବଂ ମହିଳା ଭୋଟରମାନଙ୍କ ନାମ ପିକରଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ଶିବିର କରାଯିବା ସହ ଗ୍ରାମ ପଞ୍ଚାୟତ ସ୍ତରରେ ଶୁଣାଣି ମାଧ୍ୟମରେ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ସେମାନେ ପୁନର୍ବାର ଆବେଦନ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଏକ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିଥିବାରୁ ସମସ୍ତ ରାଜନୈତିକ ଦଳ, ଭୋଟର ଏବଂ ଜିଲ୍ଲାବାସୀଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ତଥା ଇଆରଓ ବିନୟ କୁମାର ଭୋଇ ଏବଂ ଡେପୁଟି କଲେକ୍ଟର ମନସୀତ ସ୍ୱରୂପ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ବୈଠକ ପରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନାୟକ ଓ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ରାଜନୈତିକ ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟିର ସଭାପତି ପ୍ରେମାନନ୍ଦ ମିଶ୍ର, ଉପସଭାପତି ଶ୍ୟାମ ସୁନ୍ଦର ପୁରୋହିତ, ବିପ୍ର ଚରଣ ମହାନ୍ତି, ଧୀରେନ କୁମାର ପ୍ରଧାନ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସମରେଶ ମିଶ୍ର; ଏବଂ ବିଜୁ ଜନତା ଦଳ ପକ୍ଷରୁ ସୀତାଂଶୁ ଶେଖର ମହାକୁଳ, ସନ୍ତୋଷ କୁମାର ନାୟକ, ଅନିକେତ ଦାନୀ, ଓ ଦାମୋଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାହାନଗାରେ ୧୭ ଅଭିଯୋଗର ତତ୍କାଳ ସମାଧାନ



**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାର ବାହାନଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାହାନଗା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୫୦ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୪ ଗୋଟି ବ୍ୟକ୍ତିଗତ ଓ ୩ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୩ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନା, ଭାରପ୍ରାପ୍ତ ବିଡିଓ, ବାହାନଗା ବ୍ଲକ ବିକ୍ରମ କେଶରୀ ପରିଡ଼ା ଓ ବାହାନଗା ତହସିଲଦାର ଅମ୍ବିକା ଭୂୟାଁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷା



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବରମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଟ ଜେନା, ରବିନ୍ଦ୍ରକୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ସମସ୍ତ ବିଡିଓ, ରାସ୍ତାଗୃହ ନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ, ପୁର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକୁ ସମୟସୀମା ଭିତରେ ସାରିବା ସହିତ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କୌଣସି ପ୍ରକଳ୍ପ ଅଗ୍ରଗତିରେ ସମସ୍ୟା ଉପୁଜିଲେ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରଖି ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘଦିନ ହେଲା ପଡି ରହିଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତ ସମାପ୍ତ କରିବାସହିତ ପ୍ରକଳ୍ପ ଠିକାରେ ନେଇଥିବା ଠିକାଦାରମାନଙ୍କୁ ତାଗିଦ କରିବା ପାଇଁ ଆଲୋଚନା କରାଯାଇଛି। ପ୍ରକଳ୍ପ ଗୁଡକୁ ସମୟ ସୀମା ଭିତରେ ସମାପ୍ତ କରି ଜନହିତରେ ଲଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେପିର ମିଶ୍ରଣ ପର୍ବ ଯୋଗଦେଲେ ଶତାଧିକ କର୍ମୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତରେ ବିଜେପିକୁ ମିଳିଛି ନୂଆ ସାଙ୍ଗଠନିକ ଶକ୍ତି। ଅନ୍ୟ ଦଳରୁ ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍, ବରିଷ୍ଠ ଓ ଯୁବ ନେତୃତ୍ୱଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ଜଇପୁର ମଣ୍ଡଳ ସଭାପତି ମନୋଜ ନାୟକଙ୍କ ନେତୃତ୍ୱ ଓ ଜିଲ୍ଲା ସମ୍ପାଦକ ଡ଼ଃ ପ୍ରକାଶ ଚନ୍ଦ୍ର ଦଳାଇଙ୍କ ତତ୍ତ୍ୱାବଧାନରେ ଶାରଳା ରୋଡ୍ ସ୍ଥିତ ବିଜେପି ଯୁବମୋର୍ଚ୍ଚା ଜିଲ୍ଲା କାର୍ଯ୍ୟାଳୟରେ ଏହି ଯୋଗଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଧରପୁର ପଞ୍ଚାୟତର ବିଶିଷ୍ଟ ସମାଜସେବୀ ତଥା ସରପଞ୍ଚଙ୍କ ପିତା ରହିମ ଖାନ୍, ବିଜୁ ଜନତା ମିଶ୍ର ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ଜିଲ୍ଲା ପ୍ରଭାରୀ ସୁବାସ ଜେନା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ଦାଶ, ରାଜ୍ୟ ସଂଖ୍ୟାଲଘୁ ସେଲ୍ ଉପସଭାପତି ମିର୍ଜା ସିଧିକ୍ ବେଗ୍, ଜିଲ୍ଲାର ବରିଷ୍ଠ ନେତା ତଥା ଜଇପୁର ମଣ୍ଡଳ ପ୍ରଭାରୀ ବିଜୟ ଦାଶ, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ମୁକ୍ତାର ଅଲ୍ଲୀ, ଜିଲ୍ଲା ସମ୍ପାଦକ ରୂପକ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବଳରାମ ଦଳାଇ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ତାପସ ମହାନ୍ତି, ଜଇପୁର ମଣ୍ଡଳ ଯୁବମୋର୍ଚ୍ଚା ଉପସଭାପତି କେଦାର ମହାପାତ୍ର, ଦେବେନ୍ଦ୍ର ସାହୁ, ବୁଟୁ ଜେନା, ସୁବ୍ରତ ନାୟକ, ଯୁବମୋର୍ଚ୍ଚା



ଦଳର ବ୍ଲକ୍ ଉପସଭାପତି ଭବାନୀ ଶଙ୍କର ଦାସ, ପୂର୍ବତନ ସରପଞ୍ଚ ନାରାୟଣ ଦାସ, ନାଏବ ସରପଞ୍ଚ ବରଦା ମହାପାତ୍ର, ପଞ୍ଚାୟତ ବିଜେଡି ଯୁବ ସଭାପତି ସୋମନାଥ ଭୋଇଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ବରିଷ୍ଠ ଓ ଯୁବ ନେତୃତ୍ୱ ଏକ ବିରାଟ ପଟୁଆରରେ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବିଜେପି ଯୁବମୋର୍ଚ୍ଚା ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ପ୍ରତାପ କାର୍ଯ୍ୟାଳୟ ସମ୍ପାଦକ କାର୍ତ୍ତିକ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଲିପି ମଲ୍ଲିକ ଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ରହିମ ଖାନ୍ କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଦ୍ୟାଧରପୁର ପଞ୍ଚାୟତର ବହୁ ବିଜେଡି ନେତୃତ୍ୱ ଓ କର୍ମୀ ଏକାଠି ହୋଇ ବିଜେପିରେ ଯୋଗ ଦେଇଥିଲେ।

# ଅଣ ଗେଜେଟେଡ଼ କର୍ମଚାରୀ ସମନ୍ୱୟ କମିଟି ବୈଠକ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଅଣ ଗେଜେଟେଡ଼ କର୍ମଚାରୀ ସମନ୍ୱୟ କମିଟି ବୌଦ୍ଧର କାର୍ଯ୍ୟକାରୀ କମିଟି ସଭ୍ୟମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ବୈଠକ ସଭାପତି ଶମ୍ଭୁ ଗିରିଙ୍କ ଅଧ୍ୟକ୍ଷତାରେ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କର୍ମଚାରୀମାନଙ୍କ ବିଭିନ୍ନ ଦାବୀ ନେଇ ଜିଲ୍ଲାପାଳଙ୍କ ଦ୍ୱାରା ଷ୍ଟାଣ୍ଡିଂ କମିଟି ବୈଠକ ଡାକିବା ଓ ସେଠାରେ କର୍ମଚାରୀମାନଙ୍କ ବିଭିନ୍ନ ଦାବୀ ଓ ତାର ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ନିଷ୍ପତ୍ତିନେବା, ଗତ ସାଧାରଣ ଅଧିବେଶନର ବିବରଣୀକୁ ଅନୁମୋଦନ ଓ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। କାର୍ଯ୍ୟକାରୀ କମିଟିରେ ସମସ୍ତ ଅନୁବନ୍ଧିତ ଅନୁଷ୍ଠାନର ସଭ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବା, କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ଅନିଲ କୁମାର ପ୍ରଧାନ ବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷ ସଂଜିବ କୁମାର ପଣ୍ଡା ଓ ମୂଖ୍ୟ ଉପଦେଷ୍ଟା ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ତାପସ କୁମାର ମିଶ୍ର, ଶୁଭାଷିଶ ଶତପଥି,ସହ- ସଂପାଦକ ନବକୁମାର ମିଶ୍ର, ଶିଶିର ଖଟୁଆ , ସୁଶାନ୍ତ କୁମାର ଅମାତ, ବିରେନ୍ ଦାସିଆ, ଅନୁଜ କୁମାର ପ୍ରଧାନ,ସୂର୍ଯ୍ୟ ନାରାୟଣ ପଣ୍ଡା, ମହେଶ ସେଠୀ ଓ ଦେବଦତ୍ତ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତପୋଷଣ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ ଅଭିଯୋଗ ଶୁଣାଣିର ପ୍ରଭାବ

# ସକାଳ ୧୦ଟାରୁ ସନ୍ଧ୍ୟା ୫ଟା୩୦ ପର୍ଯ୍ୟନ୍ତ ଖୋଲା ରହିବ ପ୍ରାଣୀ ରୋଗ ନିରୂପଣ କେନ୍ଦ୍ର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ପ୍ରାଣୀ ରୋଗ ନିରୂପଣ କେନ୍ଦ୍ରର କାର୍ଯ୍ୟ ସମୟକୁ ନେଇ ଆସିଥିବା ଅଭିଯୋଗ ପରେ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଇଛି । ସରକାରୀ ନିୟମ ଅନୁଯାୟୀ କେନ୍ଦ୍ରଟି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା୩୦ ପର୍ଯ୍ୟନ୍ତ ଖୋଲା ରହିବା କଥା ଥିଲେ ମଧ୍ୟ ପୂର୍ବରୁ ଦିନ ୧ଟାରେ କେନ୍ଦ୍ରରେ ତାଲା ପଡ଼ିଯାଉଥିବା ଅଭିଯୋଗ ହୋଇଥିଲା ସ୍ଥାନୀୟ ବ୍ୟକ୍ତି ବିଜୟ କୁମାର ରାଉତ ପ୍ରାଣୀ ସମ୍ପଦ ବିଷୟ ଉପରେ ଗତ ଅଗଷ୍ଟ ୧୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ଅଭିଯୋଗ ଦାଖଲ କରିଥିଲେ। ଏହାର ନକଲ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରି ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ।ଅଗଷ୍ଟ ୨୧ ତାରିଖରେ ଅଭିଯୋଗଟି ଡ଼ିଇପିଟି-୧୭୧୭୫୭୬ ଟିକେଟ୍ ଆଇଡିରେ ପଞ୍ଜୀକୃତ ହୋଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଥିଲା। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ସମସ୍ତ ୩୦ଟି ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପ୍ରାଣୀ ରୋଗ ନିରୂପଣ କେନ୍ଦ୍ରଗୁଡ଼ିକୁ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା୩୦ ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏହି ନିର୍ଦ୍ଦେଶ ସେପଟେମ୍ବର ୨୧ ତାରିଖଠାରୁ କାର୍ଯ୍ୟକାରୀ ହୋଇଛି। ଫଳରେ ଜଗତସିଂହପୁର ଜିଲ୍ଲାର ଏକମାତ୍ର ପ୍ରାଣୀ ରୋଗ ନିରୂପଣ କେନ୍ଦ୍ରକୁ ଦୂରଦୂରାନ୍ତରୁ ଆସୁଥିବା ଚାଷୀମାନେ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ। ଏଣିକି ଦିନ ୧ଟା ପର୍ଯ୍ୟନ୍ତ ନିଜ ନମୁନା ଦାଖଲ କରିପାରିବେ ବୋଲି ଜଣାପଡ଼ିଛି। ଏହାସହ ପ୍ରାଣୀ ଚାଷୀମାନଙ୍କଠାରୁ ପୂର୍ବରୁ ଆଦାୟ କରାଯାଉଥିବା ସେବା କର ଛାଡ଼ କରିବା ପାଇଁ ମଧ୍ୟ ବିଜୟ କୁମାର ରାଉତ ସରକାରଙ୍କ ନିକଟରେ ଦାବି ଜଣାଇଥିଲେ। ପରବର୍ତ୍ତୀ ସମୟରେ ସରକାର ଏହି ଦାବିକୁ ବିଚାର କରି ସେବା କର ଛାଡ଼ କରିଥିବା ଜଣାପଡ଼ିଛି। ଉକ୍ତ ଅଭିଯୋଗ ପରେ ନିୟମିତ ସମୟରେ ପ୍ରାଣୀ ରୋଗ ନିରୂପଣ କେନ୍ଦ୍ର ଖୋଲା ରହିବାରୁ ଜିଲ୍ଲାର ଚାଷୀମାନେ ଉପକୃତ ହେବେ ବୋଲି କହିଛନ୍ତି

# କଟକରେ ୬୦ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୫୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୭ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ପ୍ରଶାନ୍ତ କୁମାର ନାୟକ,କଟକ ସଦର ଉପଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୨୮ତାରିଖରେ ବାଙ୍କୀ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।




## ଦ୍ୱି ଦିବସୀୟ ଜାତୀୟ ସମ୍ମାନ

# "ଭାରତୀୟ ଜ୍ଞାନ ପରମ୍ପରା: ଓଡ଼ିଶା ଓ ଓଡ଼ିଆର ଉଦ୍‌ଯାପନୀ ସମାରୋହ"




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଲକ୍ଷ୍ମୀସାଗର, ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଜାତୀୟ ସମ୍ମାନ, "ଓଡ଼ିଆ ଓ ଓଡ଼ିଶା ପୃଷ୍ଠଭୂମିରେ ଭାରତୀୟ ଜ୍ଞାନ ପରମ୍ପରା: ପାରମ୍ପରିକ ଆଧାର, ଜୀବନ୍ତ ସମନ୍ୱୟ, ଉର୍ଦ୍ଧ୍ୱଗାମୀ ନବସୃଜନ ଓ ପ୍ରେରଣାପୂର୍ଣ୍ଣ ଭବିଷ୍ୟତ" ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ଆଇ. ଆଇ. ଟି କାନପୁର, ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରଫେସର ବିଭୁନ୍ଦେନ୍ଦ୍ର ନାରାୟଣ ପଟ୍ଟନାୟକ ସ୍ୱତନ୍ତ୍ର ଉପସ୍ଥାପନା କରି ଶାସ୍ତ୍ରୀୟ ସାହିତ୍ୟ ଓ ଜ୍ଞାନ ପରମ୍ପରା: ପ୍ରାଚୀନ ଭାରତୀୟ ଅର୍ଥତତ୍ତ୍ୱର ସମକାଳୀନ ପ୍ରାସଙ୍ଗିକତା ଉପରେ ସୁନ୍ଦର ବାର୍ତ୍ତା ଦେଇଥିଲେ। ପ୍ରାଚୀନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ କୁମାର ରଥ ଯୋଗଦାନ କରି ପ୍ରାଚୀନ ଓଡ଼ିଆ ଗୀତି: ଏକ ବିକଳ୍ପ ଆଲୋଚନା କରିଥିଲେ । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟ, ରସାୟନ ବିଜ୍ଞାନ ବିଭାଗ ଆସୋସିଏଟ ପ୍ରଫେସର ଡକ୍ଟର ଦେବାଶିଷ ମହାନ୍ତି ରସରୁ ରସାୟନ: ଭାରତୀୟ ଜ୍ଞାନ ପରମ୍ପରାର ବିଜ୍ଞାନ ଓ ଓଡ଼ିଶାର ଜୀବନ୍ତ ରୂପାୟନ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା ବିଜ୍ଞାନ ଏକାଡ଼େମୀ, ସାଇନ୍ସ ହୋରିଜନର ସମ୍ପାଦକ ଡକ୍ଟର ମାୟାଧର ସ୍ୱାଇଁ ଯୋଗ ଦେଇ ପ୍ରାଚୀନ ଭାରତ ଓ ଓଡ଼ିଶାରେ ବିଦ୍ୟୁତ୍ ଶକ୍ତିର ଅଧ୍ୟୟନ ସମ୍ପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ୱେଷ୍ଟ ବେଙ୍ଗଲସ୍ଥିତ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ନନ୍ଦିନୀ ସାହୁ ସ୍ୱତନ୍ତ୍ର ଉପସ୍ଥାପନରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ପୁନର୍ବିଚାର: ପୁନରୁଦ୍ଧାରରୁ ଜ୍ଞାନତାତ୍ତ୍ୱିକ ଅନୁସନ୍ଧାନ ପର୍ଯ୍ୟନ୍ତ ଯେଉଁ ସବୁ ଦିଗର ଆବଶ୍ୟକ ରହିଛି ତାହା ବିଷୟରେ ଆଲୋଚନା କରିଥିଲେ । ଝାଡ଼ଖଣ୍ଡସ୍ଥିତ ଜାମସେଦପୁର ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ସୁଧୀର କୁମାର ସାହୁ ମାତୃଭାଷାଭିତ୍ତିକ ଶିକ୍ଷା ଓ ବହୁଭାଷୀ ଶିକ୍ଷା: ପଦ୍ଧତି, ଆହ୍ୱାନ ଓ ସମ୍ଭାବନା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ କହିଥିଲେ । ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ହାଇଦ୍ରାବାଦ ସ୍ଥିତ ଇଂରାଜୀ ଓ ବୈଦେଶିକ ଭାଷା ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରାକ୍ତନ ଇଂରାଜୀ ବିଭାଗର ପ୍ରଫେସର କୈଳାଶ ଚନ୍ଦ୍ର ବରାଳ, ସମ୍ମାନୀତ ଅତିଥି ଭାବରେ ବହୁଭାଷିକ ଶିକ୍ଷା, ଭାଷା ଓ ଶିକ୍ଷଣ, ନୂଆ ଦିଲ୍ଲୀ, ରାଷ୍ଟ୍ରୀୟ ନିର୍ଦ୍ଦେଶକ ପଦ୍ମଶ୍ରୀ ଡକ୍ଟର ମହେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କ ସହିତ କାର୍ଯ୍ୟକ୍ରମରେ ଥିବା ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ଅଧ୍ୟକ୍ଷ, ଡକ୍ଟର ସଞ୍ଜୟ କୁମାର ବାଗ ଉପସ୍ଥିତ ରହି ସମସ୍ତ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ବେଙ୍ଗଲୀ ବିଭାଗର ଅଧ୍ୟାପିକା ଡକ୍ଟର ଈଶିତା ମଣ୍ଡଳ ପରିଚାଳନା କରିଥିଥିଲେ । ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ବିଦ୍ୱାନ, ଭାଷାବିତ୍ ଏବଂ ଭାଷା କେନ୍ଦ୍ରର ଛାତ୍ରଛାତ୍ରୀ ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଗବେଷକ ଓ ଗବେଷିକା ଉପସ୍ଥିତ ରହିଥିଲେ । ମୈଥିଳୀ ବିଭାଗର ଅଧ୍ୟାପିକା କାଜଲ କୁମାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଜ୍ଞାନ ମିଶନର ଆୟୋଜନକ୍ରମେ ବାଉଁଶୁଣୀ ଶିଶୁ ବିଦ୍ୟା ମନ୍ଦିର ଠାରେ 'ଗୀତା ପ୍ରେରଣା-୨୦୨୬' ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ୩ୟ ଠାରୁ +୩ ପର୍ଯ୍ୟନ୍ତ ୩୫ଜଣ ଛାତ୍ରଛାତ୍ରୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରୀମଦ ଭଗବତ୍ ଗୀତାର ୬ଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଉଁଶୁଣୀ ଓ ମନମୁଣ୍ଡା,ଜୀବନ ବିକାଶ ମହାବିଦ୍ୟାଳୟ ଦହ୍ୟା, ସରକାରୀ ନୋଡାଲ ହାଇସ୍କୁଲ ବାଉଁଶୁଣୀ ଓ ଗୋଛାପଡା, ପଞ୍ଚାୟତ ହାଇସ୍କୁଲ ସଂଗ୍ରାମପୁର ଓ ଅରବିନ୍ଦ ସ୍କୁଲ ସଂଗ୍ରାମପୁରର କୃତୀ ଛାତ୍ରଛାତ୍ରୀ ମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଉନ୍ନୀତ ହୋଇଥିଲେ। ଏହି କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଗଲା। ବିଚାରକ ଭାବେ ଖଗେଶ୍ୱର ମେହେର, ବିଭିଷଣ ବସ୍ତିଆ , ବିଶ୍ୱାମିତ୍ର ମହଲା, ବାବା ଲକ୍ଷ୍ମନ୍ ଦାଶ, କରୁଣାକର ଘଟୁଆଳ, ସମୀର କୁମାର ସାହୁ , ଧନେଶ୍ୱର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ପ୍ରଜ୍ଞାନ ମିଶନ୍‌ର ବରିଷ୍ଠ କର୍ମକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ବିଶିକେଶନ ପ୍ରଧାନ, ସମୀର କୁମାର ସାହୁ ଏବଂ ଶିବଦତ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବସୁଦେବ ଗହୀର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଧନେଶ୍ୱର ମଣ୍ଡଳ ସମବେତ ଛାତ୍ରଛାତ୍ରୀ ମାନଙ୍କୁ 'ଗୀତାବାଣୀକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିବାକୁ' ଆହ୍ୱାନ ଦେଇଥିଲେ। ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଦଧିବାବନ ରଣାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ସେପ୍ଟେମ୍ବର, ୨୦୨୬ ସୋମବାର





# ପ୍ରବଳ ବର୍ଷାରେ ଯାଜପୁର ରୋଡ୍ ଜଳମଗ୍ନ



**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଲଘୁଚାପ ଜନିତ ବର୍ଷା ଯୋଗୁ ଯାଜପୁର ରୋଡ୍ ଜଳମଗ୍ନ ହୋଇ ପଡିଛି । ଯାଜପୁର ରୋଡ ସହରରେ ବର୍ଷା ପାଣି ଜମି ରହିଛି। ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ ସମଗ୍ର ଜିଲ୍ଲାରେ ୧୧୧.୨୩ ବର୍ଷା ହୋଇଛି । ବୈତରଣୀ ନଦୀର ଜଳ ପତ୍ତନ ବୃଦ୍ଧି ପାଇଛି । ରାସ୍ତା ଉପରେ ପାଣି ଲହରୀ ଭାଙ୍ଗୁଛି । ତାହାର ଦୃଷ୍ଟାନ୍ତ କଳିଙ୍ଗନଗର ଯାଜପୁର ରୋଡର ମୁଖ୍ୟ ରାସ୍ତା ଏବେ ପାଣି ଘେରରେ । ଲଗାଣ ବର୍ଷା ପରେ ଦାନଗଦି ସୋଲେଇ ଛକରୁ ବ୍ଲକ୍ ଅଫିସ ପର୍ଯ୍ୟନ୍ତ ରାସ୍ତା ଉପରେ ଜମି ରହିଛି ବର୍ଷାଜଳ । ଫଳରେ ରାସ୍ତା ଯାତାୟାତ ପାଇଁ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି। ରାସ୍ତା ଉପରେ କେଉଁଠି କେତେ ଗଭୀର ପାଣି ରହିଛି, ତାହା ଜଣାପଡୁ ନ ଥିବାରୁ ଗାଡ଼ି ଚାଳକମାନେ ଭୟ ଓ ଆଶଙ୍କା ମଧ୍ୟରେ ଯାତାୟାତ କରୁଛନ୍ତି। ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହି ରାସ୍ତା ଅଧିକ ବିପଦପୂର୍ଣ୍ଣ ହୋଇଛି। ବର୍ଷା ହେଲେ ପ୍ରତିବର୍ଷ ଏହି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ସାଧାରଣ ଲୋକଙ୍କ ଯାତାୟାତ ସହ ଦୈନନ୍ଦିନ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି । ତେବେ ଏହି ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ ତାହା ଅଞ୍ଚଳ ବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଡ୍ରେନେଜ୍ ବ୍ୟବସ୍ଥାର ସୁଧାର କେବେ ହେବ ଏବଂ ଲୋକଙ୍କୁ ଏହି ବିପଦଶଙ୍କୁଳ ରାସ୍ତାରୁ କେବେ ମିଳିବ ମୁକ୍ତି—ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ବ୍ୟାସ ନଗର ପୌରାଞ୍ଚଳର ଚୋରଦା ଗ୍ରାମରେ ଦୁଇ ଦିନ ଧରି ପାଣି ସୁଅ ଚାଲିଛି। ଲଗାତର ବର୍ଷା ହେବା ଫଳରେ ଜନ ଜୀବନ ଠପ୍ ହୋଇଯାଇଛି ।

### ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ଆସନ୍ତା ବର୍ଷଠାରୁ ଗ୍ରାମାଞ୍ଚଳରେ ମିଳିବ ସିଙ୍ଗଲ ୱିଣ୍ଡୋ ସୁବିଧା : ଜିଲ୍ଲାପାଳ

**କଟକ, ନ୍ୟୁଜ ବ୍ୟୁରୋ**




ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳାର ସହିତ ସମ୍ପନ୍ନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳ ଦୁର୍ଗାପୂଜା ବୈଠକ ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ମାନ୍ୟବର ବିଧାୟକ କଟକ ସଦର, ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଆବଶ୍ୟକ ଆଲୋକ ବ୍ୟବସ୍ଥା ଓ ଭୋଲଟେଜ୍ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ ବିଭାଗକୁ ପଦକ୍ଷେପ ନେବାକୁ କହିଥିଲେ। ବିଦ୍ୟୁତ କାଟ ଯୋଗୁଁ ଯେପରି ସାଧାରଣ ଲୋକ ହଇରାଣ ନ ହୁଅନ୍ତି, ସେଥିପାଇଁ ବିଶେଷ ନଜର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏତତ୍ ବ୍ୟତୀତ ପୂଜା ଓ ଭସାଣି ସମୟରେ ନିଶା ଦ୍ରବ୍ୟ ବିଶେଷ କରି ମଦ ବିକ୍ରି ଓ ଅବୈଧ ମଦ କାରବାର ଉପରେ କଡ଼ା ନଜର ରଖିବାକୁ ଅବକାରୀ ବିଭାଗକୁ କୁହାଯାଇଛି । ଅବୈଧ ମଦ ବିକ୍ରି ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ଚଢ଼ଉ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଭସାଣି ସମୟରେ ମଦ ଦୋକାନ ବନ୍ଦ ରଖିବା ସମ୍ପର୍କରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ତଥା ବରିଷ୍ଠ ସଦସ୍ୟ ରାମନାରାୟଣ ମହାନ୍ତି ପୂଜା ଅନୁଷ୍ଠିତ ହେଉଥିବା ଅଞ୍ଚଳ ମାନଙ୍କରେ ବିଶେଷ କରି ମଣ୍ଡପମାନଙ୍କର ସମସ୍ତ ଆବଶ୍ୟକତାଗୁଡ଼ିକ ପୂରଣ ନିମନ୍ତେ ପ୍ରଶାସନର ସହଯୋଗ ଲୋଡ଼ିବା ସହ ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ମଧ୍ୟ ଆଶାବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳର ପୂଜା କମିଟିଗୁଡ଼ିକ ପାଇଁ ଆଗାମୀ ବର୍ଷ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଅସାମାଜିକ କାର୍ଯ୍ୟକଳାପ ଓ ହିଂସା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂଜା ଓ ଭସାଣି ସମୟରେ ପୋଲିସ ପାଟ୍ରୋଲିଂ ବୃଦ୍ଧି କରିବା ସହ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କଡ଼ା ନଜର ରଖିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାଲି ପରିବହନ, ଭାରି ଯାନ ଚଳାଚଳ ଓ ଅନ୍ୟାନ୍ୟ ସମସ୍ୟା ନେଇ ଖଣି ବିଭାଗ ସହ ଆଲୋଚନା କରି ଆବଶ୍ୟକ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି। ବିଭିନ୍ନ ଅଞ୍ଚଳରେ ଥିବା ରାସ୍ତା ସମସ୍ୟାର ତୁରନ୍ତ ସମାଧାନ ଏବଂ ଆବଶ୍ୟକ ମରାମତି କରିବାକୁ ପୂର୍ତ୍ତ ବିଭାଗକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ତୋରଣ ଯୋଗୁଁ ଯେପରି ଦୁର୍ଘଟଣା ନ ଘଟେ ଏବଂ ଯାତାୟାତରେ ବାଧା ନ ସୃଷ୍ଟି ହୁଏ, ସେଥିପାଇଁ ତୋରଣଗୁଡ଼ିକୁ ନିୟମାନୁସାରେ ଯାଞ୍ଚ ଓ ନିରୀକ୍ଷଣ କରିବାକୁ ସେ କହିଛନ୍ତି। ପୂଜା ମଣ୍ଡପ ଓ ମା'ଙ୍କ ପୀଠଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଶୌଚାଳୟ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ ପୂଜା କମିଟି ଗୁଡିକର ଆଲୋଚିତ ବିଷୟ ଉପରେ ମତାମତ ରଖି ସମସ୍ତ ବିଭାଗ ତରଫରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ରଖିଥିଲେ । ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଉପଜିଲ୍ଲାପାଳ ଆଠଗଡ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ବାଙ୍କୀ ମନସ୍ୱିନୀ ଦାସ ଉପସ୍ଥିତ ରହି ଆଲୋଚନା ମାଧ୍ୟମରେ ସମସ୍ତ ସତର୍କତା ଅବଲମ୍ବନ ସହ ଗ୍ରାମାଂଚଳ ପୂଜା ସୁରୁଖୁରରେ ଅନୁଷ୍ଠିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ନିଶ୍ଚିନ୍ତକୋଇଲି, ସାଲେପୁର, ବାଙ୍କୀ, ଟାଙ୍ଗୀ, ଭଦ୍ରେଶ୍ୱର, ଭଟିମୁଣ୍ଡା ଆଦି ଅଞ୍ଚଳର ଦୁର୍ଗାପୂଜା କମିଟି ଗୁଡ଼ିକର ପ୍ରତିନିଧିମାନେ ପୂଜା ପାଳନ ସମୟରେ ନିଜ ନିଜ ଅଞ୍ଚଳରେ ଆବଶ୍ୟକ ହେଉଥିବା କାର୍ଯ୍ୟ ଓ ସାମୁହିକ ଭାବେ ଦେଖା ଦେଉଥିବା ସମସ୍ୟା ସମାଧାନ ସମ୍ପର୍କରେ ମତାମତ ରଖିଥିଲେ। ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ପଦକ୍ଷେପ ସ୍ୱରୂପ କାର୍ଯାନୁଷ୍ଠାନ ଗ୍ରହଣ କରାଯିବା ସଂପର୍କରେ ଅବଗତ କରାଇବା ସହ ପୂଜା ସମୟରେ ବିଶେଷ କରି ଆଇନଶୃଙ୍ଖଳା ସହ ଯାତାୟାତ, ଆଲୋକ, ପାନୀୟ ଜଳ, ପରିମଳ, ବିଦ୍ୟୁତ ଓ ଅନ୍ୟାନ୍ୟ ମୌଳିକ ସେବା ଯୋଗାଇ ଦେବା ସମ୍ପର୍କରେ ସୂଚିତ କରିଥିଲେ। ପୂଜା ସମୟରେ ଆଇନଶୃଙ୍ଖଳା ସର୍ବାଧିକ ପ୍ରାଧାନ୍ୟ ଦିଆଯିବ । ଏହି ବୈଠକରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ସମ୍ପୃକ୍ତ ବରିଷ୍ଠ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ୍ରନାରାୟଣ ମୁଦୁଲି ପ୍ରାରମ୍ଭିକ ସୂଚନା ଓ ବିବରଣୀ ପାଠ କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରଦୀପ କୁମାର ସାହୁ ପୂଜା ସମୟରେ ଗ୍ରାମାଂଚଳ ମାନଙ୍କରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ବେହେରା ସଭା ସଂଯୋଜନା କରି ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମେଡିକାଲ୍ କଲେଜ୍ ପ୍ରତିଷ୍ଠା ନ ହେଲେ ଅର୍ଥନୈତିକ ଅବରୋଧ'

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାରେ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ପ୍ରତିଷ୍ଠା ହେବାପରେ ଏକମାତ୍ର କେନ୍ଦ୍ରାପଡା ଜିଲ୍ଲା ଏଥିରୁ ବାଦ୍ ପଡିଛି। ଦୀର୍ଘଦିନଧରି ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଅବ୍ୟାହତ ରଖିଛି। ଗତବର୍ଷ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଜିଲ୍ଲାକୁ ସମୀକ୍ଷା ବୈଠକରେ ଆସିଥିବାବେଳେ ଏବଂ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଜମ୍ବୁ ମହୋତ୍ସବକୁ ଆସିଥିବା ସମୟରେ କେନ୍ଦ୍ରାପଡାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ସରକାରୀ ସ୍ତରରେ ଏହାର ନିଷ୍ପତ୍ତି ନିଆଯାଇନାହିଁ। କ୍ରିୟାନୁଷ୍ଠାନ କମିଟିର ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ରାଧେଶ୍ୟାମ ମଣ୍ଡପରେ ଅନୁଷ୍ଠିତ ସଭାରେ ସମ୍ପାଦକ ଆଡଭୋକେଟ୍ ରମଣୀ ରଂଜନ ରାଉତରାୟ ଦୀର୍ଘଦିନର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ଗୟାଧର ଧଳ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଡକ୍ଟର ଦୀଲ୍ଲିପ ମିଶ୍ର, ଭଜକୃଷ୍ଣ ପ୍ରଧାନ, ଦାଶରଥି ସାହୁ, ନରୋତ୍ତମ ପ୍ରାର୍ଥ ସାରଥୀ, ବୈଷ୍ଣବ ସ୍ୱାଇଁ, ଧୀରେନ୍ ବେହେରା, ସୁରେଶ ଚନ୍ଦ୍ର ପଟ୍ଟନାୟକ, କିଶୋର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ମେଡିକାଲ୍ କଲେଜ୍ ତୁରନ୍ତ ପ୍ରତିଷ୍ଠା ପାଇଁ ଦାବି କରିବା ସହ ଯଦି ସରକାର ତୁରନ୍ତ ନିଷ୍ପତ୍ତି ନ ନିଅନ୍ତି ତେବେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଏହି କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରବର୍ତ୍ତୀ ଅବସ୍ଥାରେ ଜିଲ୍ଲାର ୯ଟି ବ୍ଲକ ଏବଂ ଦୁଇଟି ମୁନିସିପାଲିଟି ସଭାମାନ କରି ଜନସଚେତନତା କରିବା ସହିତ ଆନ୍ଦୋଳନ ଗଢି ତୋଳିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ବିରଜା ସଂସ୍କୃତ ଟୋଲ୍ ଓ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦ ଦ୍ୱାରା ସଂସ୍କୃତ ମହୋତ୍ସବ ପାଳିତ

# 'ବହୁ କୃତି ଛାତ୍ରଙ୍କୁ ସୃଷ୍ଟିକରିଛି ସଂସ୍କୃତ ଶିକ୍ଷାନୁଷ୍ଠାନ'

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ସଂସ୍କୃତ ଟୋଲ୍ ଓ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଦ୍ୱାରା ସଂସ୍କୃତମହୋତ୍ସବ ପାଳିତ ହୋଇଯାଇଛି । ପଣ୍ଡିତ ଭୁପତିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ମହାମାନସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଟୋଲ୍‌ର ପ୍ରଧାନ ପଣ୍ଡିତ ସରସ୍ୱତୀ ବେହେରା ସଂସ୍କୃତ ଭାଷା ମହତ୍ୱ ଉପରେ ଆଲୋକପାତ କରିଥିଲେ । ପଣ୍ଡିତ ବ୍ରଜକିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍‌ଘାଟକ ପଣ୍ଡିତ ବସନ୍ତ କୁମାର ପତି କ୍ଷୋଭପ୍ରକାଶ କରି କହିଥିଲେ ଯାଜପୁରର ସର୍ବପୁରାତନ ସଂସ୍କୃତ ଶିକ୍ଷା ଅନୁଷ୍ଠାନ ବିରଜା ଟୋଲ୍‌କୁ ସରକାର ଭାଙ୍ଗିଦେଇ ଅନ୍ୟ କୌଣସି ସ୍ଥାନରେ ଥଇଥାନ କରିବାର ବ୍ୟବସ୍ଥା କରିନାହାନ୍ତି; ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ପାଦକିୟ ବିବରଣୀ ପାଠ ପୂର୍ବକ ଡଃ ଜ୍ଞାନରଞ୍ଜନ ପତି କ୍ଷୋଭ ପ୍ରକାଶ କରି କହିଲେ ଯେ ଏହି ଶିକ୍ଷାନୁଷ୍ଠାନ ବହୁ କୃତି ଛାତ୍ରଙ୍କୁ ସୃଷ୍ଟିକରିଛି । ଏହାକୁ ସ୍ଥାନାନ୍ତର ନକରି ଘରକୁ ଭାଙ୍ଗିଦେବା ଠିକ୍ ହୋଇନାହିଁ। ତେଣୁ ଏଥିପ୍ରତି ପ୍ରଶାନ ଦୃଷ୍ଟି ଦେବା ଉଚିତ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର ଡଃ ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ସେ ଏହି ଟୋଲ୍‌ର ପୁରାତନ ଛାତ୍ର ହୋଇଥିବାରୁ ନିଜର ଅଭିଜ୍ଞତା ବିଷୟରେ ଆଲୋଚନାକରି 'ଶୀର୍ଷକ -ଯାଜପୁର, ଐତିହ୍ୟ ସଂସ୍କୃତିର ମୂକ ସାକ୍ଷୀ ବିରଜା ସଂସ୍କୃତଟୋଲର ଅସ୍ତିତ୍ୱକୁ ନେଇ ପ୍ରଶ୍ନ।' ଏହାର ପ୍ରାଚିନତା ଓ ମହତ୍ୱ ଉପରେ ବହୁ ଉପାଦେୟ କଥା କହିଥିଲେ । ଭଗ୍ନ ଅବସ୍ଥାରେ ଟୋଲ୍‌ର କଳେବର ଦେଖି ଦୁଃଖପ୍ରକାଶ କରିଥିଲେ । ଏହାର ଥଇଥାନ ପାଇଁ ସରକାରୀ ସ୍ତରରେ ଯାହା ସାହାଯ୍ୟ ଦରକାର ସେ ସାହାଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭ୍ୟମାନେ ଯଥାକ୍ରମେ ପଣ୍ଡିତ ଗଣେଶ ଚନ୍ଦ୍ର ପତି, ଶିକ୍ଷକ ଦାମୋଦର ନନ୍ଦ, ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, ପଣ୍ଡିତ ବ୍ରଜସୁନ୍ଦର ଦାସ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶିକ୍ଷକ ନରହରି ଦାସ ପ୍ରଭୃତି ସରକାରଙ୍କ ଦ୍ୱାରା ଅନୁଷ୍ଠାନଟିକୁ ଭାଙ୍ଗିଦେଇଥିବା ହେତୁ ଦୁଃଖପ୍ରକାଶ କରିଥିଲେ। ସରକାର ଏହି ଅନୁଷ୍ଠାନଟିକୁ ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର କରିବାର ସୁବନ୍ଦୋବସ୍ତ କରିବା ଉଚିତ ବୋଲି କହିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ । ପଣ୍ଡିତ ସୂର୍ଯ୍ୟମଣି ବେଦୀ, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ପଣ୍ଡିତ ଅଜିତ୍ କୁମାର ଦାସ, ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟାପକ ରମାକାନ୍ତ ବରାଳ ପ୍ରଭୃତି ବହୁ ସଂସ୍କୃତ ବିଦ୍ୱାନ ଯୋଗଦାନକରି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

## କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ଅନୁକୂଳ ହେଲା ମାଟି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡାର ଐତିହ୍ୟ ଗଣପର୍ବ ଗଜଲକ୍ଷ୍ମୀ ପୂଜା ଶହେ ବର୍ଷରେ ପ୍ରଦାର୍ପଣ କରୁଥିବାରୁ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏ ନେଇ ପ୍ରତିବର୍ଷ ପରି ପ୍ରତିବର୍ଷ ଭଳି ଚଳିତ ବର୍ଷ ଇନ୍ଦୁ ପୂର୍ଣ୍ଣିମାରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ କରାଯାଇଛି। ଏ ନେଇ ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟମାନେ ଗରାପୁରସ୍ଥିତ କାଳୀମନ୍ଦିର ଘାଟରୁ ଯାଇ ସେଠାରେ ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଯୁଗଳ କିଶୋର ବେହେରାଙ୍କ ସମେତ ସଂପାଦକ ବିଶ୍ୱରଞ୍ଜନ ସିଂ, କୋଷାଧ୍ୟକ୍ଷ ସନାତନ ମହାପାତ୍ରଙ୍କ ସମେତ ଭୀମସେନ ବେହେରା, ଚକ୍ରଧର ସାହୁ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।



# ଶିକ୍ଷାବର୍ଷର ଅଧା ସରିଲା, ପହଞ୍ଚିଲାନି ସଂଶୋଧିତ ବହି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଚଳିତ ଶିକ୍ଷାବର୍ଷରେ ନୂତନ ପାଠ୍ୟପୁସ୍ତକରେ ମାତ୍ରାଧିକ ମୁଦ୍ରଣ ଓ ବିଷୟବସ୍ତୁଗତ ତ୍ରୁଟି ଛାତ୍ରଛାତ୍ରୀଙ୍କ ଠାରୁ ଅଭିଭାବକଙ୍କ ପର୍ଯ୍ୟନ୍ତ ଚିନ୍ତା ବଢ଼ାଇଛି । ତ୍ରୁଟିପୂର୍ଣ୍ଣ ବହି ପ୍ରକାଶ ପାଇବା ପରେ ଖୁବ୍‌ଶୀଘ୍ର ସଂଶୋଧିତ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ କହିଥିଲେ । କିନ୍ତୁ ଶିକ୍ଷାବର୍ଷର ଅଧା ସମୟ ବିତିବାକୁ ବସିଥିବା ବେଳେ ଏଯାଏଁ ଛାତ୍ରଛାତ୍ରୀଙ୍କ ହାତରେ ସଂଶୋଧିତ ବହି ପହଂଚିନାହିଁ । ଆସନ୍ତା ୨୮ତାରିଖରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬ ମାସିଆ ପରୀକ୍ଷା ସମାପ୍ତି ସୂଚକ ଆକଳନ (ଏସ୍‌ଏ-୧) ଆରମ୍ଭ ହେବ । ଏଭଳି ସମୟରେ ପିଲାମାନଙ୍କ ପାଖରେ ସଂଶୋଧିତ ପାଠ୍ୟପୁସ୍ତକ ନ ପହଂଚିବା ଶିକ୍ଷାଦାନ ଓ ପରୀକ୍ଷା ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠାଇଛି । ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୫ଟି ନୂଆ ପାଠ୍ୟପୁସ୍ତକ ଛପାଯାଇଛି । ଏହି ପୁସ୍ତକଗୁଡ଼ିକରେ ୨ ହଜାରରୁ ଅଧିକ ତ୍ରୁଟି ରହିଥିବା ଜଣାପଡ଼ିଛି । ଏଥିରୁ ୩ଟି ବିଷୟର ପାଠ୍ୟପୁସ୍ତକରେ ତ୍ରୁଟି ରହିଥିବା ବେଳେ ଲକ୍ଷାଧିକ ସଂଖ୍ୟାରେ ତ୍ରୁଟିପୂର୍ଣ୍ଣ ବହି ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିସାରିଛି। ତ୍ରୁଟି ଚିହ୍ନଟ ହେବା ପରେ ଏହାର ସଂଶୋଧନ ପାଇଁ ବହୁ ଦିନ ବିତିଯାଇଛି । ହେଲେ ଏଯାଏଁ ସଂଶୋଧିତ ପୁସ୍ତକ ଛାପା ହୋଇ ଛାତ୍ରଛାତ୍ରୀଙ୍କୁ ବଣ୍ଟନ ହୋଇନାହିଁ । ଏପରିକି ସଂଶୋଧିତ ପାଠ୍ୟପୁସ୍ତକକୁ ବିଭାଗୀୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇନଥିବା ମଧ୍ୟ ଅଭିଯୋଗ ହେଉଛି । ଫଳରେ ତ୍ରୁଟି ସମ୍ପର୍କରେ ଜାଣିବା ସତ୍ତ୍ୱେ ଛାତ୍ରଛାତ୍ରୀମାନେ ପୁରୁଣା ତ୍ରୁଟିପୂର୍ଣ୍ଣ ବହି ଉପରେ ନିର୍ଭର କରୁଛନ୍ତି । ଗଞ୍ଜାମ ଜିଲ୍ଲାର ସ୍ଥିତିକୁ ଦେଖିଲେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩ ଲକ୍ଷ ୪୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାରେ ମୋଟ ୨୧ ଲକ୍ଷ ୨୩ ହଜାର ୩୫୦ ଖଣ୍ଡ ପାଠ୍ୟପୁସ୍ତକର ଆବଶ୍ୟକତା ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକର ବିପୁଳ ସଂଖ୍ୟକ ପ୍ରତି ଛାତ୍ରଛାତ୍ରୀଙ୍କ ହାତରେ ପହଞ୍ଚିଥିବାରୁ ଏହାର ପ୍ରଭାବ ଶିକ୍ଷାଦାନ ଉପରେ ପଡ଼ିବା ନେଇ ଆଶଙ୍କା ବଢ଼ିଛି। ସଂଶୋଧିତ ବହି ତୁରନ୍ତ ଛାତ୍ରଛାତ୍ରୀଙ୍କୁ ଯୋଗାଇବା ସହ ୱେବ୍‌ସାଇଟ୍‌ରେ ଏହାର ଡ଼ିଜିଟାଲ୍ ସଂସ୍କରଣ ଉପଲବ୍ଧ କରାଇବାକୁ ଦାବି ହେଉଛି । ଶିକ୍ଷାବର୍ଷର ଅଧା ସମୟ ବିତିବା ପରେ ମଧ୍ୟ ସଂଶୋଧିତ ବହି ନ ପହଞ୍ଚିବା ଘଟଣା ପାଠ୍ୟପୁସ୍ତକ ପ୍ରସ୍ତୁତି, ଯାଞ୍ଚ ଓ ବଣ୍ଟନ ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ସଂଶୋଧିତ ବହି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାକୁ ସଂଶୋଧିତ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ଯୋଜନା ରହିଥିଲା । ଏଥି ମଧ୍ୟରେ ବାତ୍ୟାର ପ୍ରଭାବରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିଲା । ତେଣୁ ବହି ଯୋଗାଇବାରେ ବିଳମ୍ବ ହୋଇଛି । ଚଳିତ ମାସ ଶେଷ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ବଂଟନ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

## ଭଙ୍ଗା କ୍ୟାବିନ୍‌ରେ ବିତୁଛି ଜୀବନ : ସରକାରୀ ସହାୟତା ଅପେକ୍ଷାରେ ସବିତା



**କଟକ, ନ୍ୟୁଜ ବ୍ୟୁରୋ**

ମୁଣ୍ଡ ଉପରେ ଛାତ ନାହିଁ, ପେଟ ପାଇଁ ନିଶ୍ଚିତ ରାସନ ନାହିଁ। ଭଙ୍ଗା କ୍ୟାବିନ୍ ଭିତରେ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ୬୭ ବର୍ଷୀୟା ସବିତା ମହାନ୍ତି। ଦିନେ ଖରା, ରାତିରେ ଶୀତ କାକର, ଆଉ ବର୍ଷା ହେଲେ କ୍ୟାବିନ୍ ଭିତରେ ପାଣି—ଏଭଳି ପରିସ୍ଥିତିରେ ବର୍ଷ ବର୍ଷ ଧରି କଟୁଛି ତାଙ୍କ ଜୀବନ। ରେସନ କାର୍ଡଠାରୁ ଆବାସ ଯୋଜନା ପର୍ଯ୍ୟନ୍ତ ସରକାରୀ ସୁବିଧା ତାଙ୍କ ପାଖରେ ପହଞ୍ଚିନଥିବା ଅଭିଯୋଗ ହୋଇଛି । କଟକ ଚାଉଳିଆଗଞ୍ଜ ତଳସାହିର କୁମାରୀ ସବିତା ମହାନ୍ତିଙ୍କ ଏହି ଦୁର୍ଦ୍ଦଶା ଏବେ ମାନବିକତା ସହ ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ପିଲାଦିନେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ ସବିତା। ଏହାର ପ୍ରଭାବରେ ତାଙ୍କ ହାତର ଆଙ୍ଗୁଳି ନଷ୍ଟ ହୋଇଯାଇଥିଲା। ରୋଗକୁ ନେଇ ସାମାଜିକ ଅବହେଳାର ଶିକାର ହୋଇ ସେ ନିଜ ବାପା-ମା'ଙ୍କଠାରୁ ଅଲଗା ହୋଇ ଏକ ଛୋଟ କ୍ୟାବିନ୍‌ରେ ରହିବାକୁ ବାଧ୍ୟ ହୋଇଥିଲେ। ସମୟ ବଦଳିଛି। ବାପା-ମା' ଆରପାରିରେ। ହେଲେ ବଦଳିନାହିଁ ସବିତାଙ୍କ ଜୀବନର ଦୁର୍ଦ୍ଦଶା। ଆଜି ବି ସେହି ଭଙ୍ଗା କ୍ୟାବିନ୍ ହିଁ ତାଙ୍କ ଆଶ୍ରୟ। ବର୍ଷା, ଖରା ଓ ଶୀତ କାକରରେ ଅସୁରକ୍ଷିତ ପରିବେଶରେ ଦିନ କାଟୁଛନ୍ତି ସେ। ସବିତାଙ୍କ ସାନଭାଇ ଅଭୟ ମହାନ୍ତି ନିଜ ସାଧ୍ୟମତେ ଭଉଣୀଙ୍କ ନିତିଦିନର ଦେଖାଶୁଣା କରୁଛନ୍ତି। ଦୁଃଖସୁଖରେ ଅଭୟ ହିଁ ତାଙ୍କର ମୁଖ୍ୟ ସାହାରା ପାଲଟିଛନ୍ତି। ତେବେ ସବିତାଙ୍କ ନିକଟରେ ଏଯାଏଁ ସରକାରୀ ସହାୟତା ପହଞ୍ଚିନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାସନ ଚାଉଳ ପାଇବା ମଧ୍ୟ ସବିତାଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ହୋଇଛି। ତାଙ୍କ ପାଖରେ ଭୋଟର କାର୍ଡ ଥିଲେ ମଧ୍ୟ ଆଧାର କାର୍ଡ ନାହିଁ। କୁଷ୍ଠ ରୋଗ ଯୋଗୁଁ ହାତ ଓ ଆଙ୍ଗୁଳିରେ ସମସ୍ୟା ଥିବାରୁ ଟିପଚିହ୍ନ ଦେବା ସମ୍ଭବ ହେଉନଥିବା କୁହାଯାଉଛି। ଫଳରେ ଆଧାର ପଞ୍ଜୀକରଣ ହୋଇପାରୁନାହିଁ। ଆଖି ସ୍କାନ୍ ମାଧ୍ୟମରେ ଆଧାର ପଞ୍ଜୀକରଣର ବିକଳ୍ପ ବ୍ୟବସ୍ଥା ମଧ୍ୟ ହେଉନଥିବା ଅଭିଯୋଗ ରହିଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି—ଅସହାୟ ସବିତାଙ୍କ ନିକଟରେ କେବେ ପହଞ୍ଚିବ ସରକାରୀ ସହାୟତା ଜିଲ୍ଲା ପ୍ରଶାସନ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ତାଙ୍କୁ ଆବାସ, ରାସନ ସମେତ ଆବଶ୍ୟକ ସରକାରୀ ସୁବିଧାସୁଯୋଗ ଯୋଗାଇଦେବାକୁ ଦାବି ହୋଇଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୦ ୯ | ୮ | ଶନି୭ ୬ରା |
| ୧୧ବୃମ | ୨୭ / ୧୨ | ୫ |
| ୧୨କେ ଲଗ୍ନ | ୨ଶୁବୁ | ୪ ୩ |


ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ


**ତା୨୮।୦୯।୨୦୨୬, ଆଶ୍ୱିନ ଦ୧୨ନ, ସୋମବାର**


**ସୂର୍ଯ୍ୟୋଦୟ- ଘ ୫।୩୮।୩୪ ଚନ୍ଦ୍ରୋଦୟ- ସଂଘ୬।୩୮।୧୯**

ଦ୍ୱିତୀୟା ସଂଘ ୭।୧୫ ପର୍ଯ୍ୟନ୍ତ, ରେବତୀ ନକ୍ଷତ୍ର ଦିଘ ୧୦।୧୯ ପର୍ଯ୍ୟନ୍ତ । ମୀନ ଚନ୍ଦ୍ର ଦିଘ ୧୦।୧୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। ଦିଘ ୧୦।୧୯ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର। ଦିଘ ୧୦।୧୯ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ସଂଘ ୭।୧୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଦିଘ ୭।୧୦ ମଧ୍ୟେ। ଦିଘ ୮।୫୧ ଗତେ ଦିଘ ୧୧।୧୫ ମଧ୍ୟେ।


**ମେଷ:** ଲକ୍ଷ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ ନହେଲେ କ୍ଷତିରେ ପଡିବେ। ଦେହ ଭଲ ରହିବ ନାହିଁ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ ।ଘରେ ଆନନ୍ଦ।



**ବୃଷ:** କର୍ମକ୍ଷେତ୍ରରେ ସମ୍ମାନ ଲାଭ ହେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଆଲୋଚନା କରିବେ। ପ୍ରଶଂସିତ ହେବେ। ଆୟ ଓ ବ୍ୟୟ ସମାନ ହେବ। ପାରିବାରିକ ଶାନ୍ତି ବଜାୟ ରହିବ। ସେବା ପୂଜାରେ ଯୋଗ ଦେବେ।


**ମିଥୁନ:** ଶ୍ରମ ଜନିତ କ୍ଲାନ୍ତି ଅନୁଭବ କରିବେ। ମାନସିକ ଦୁଶ୍ଚିନ୍ତା ଦୂର ହେବ। ରୋଜଗାରରେ ଉନ୍ନତି। ଆଜିର ଯାତ୍ରାରେ କାର୍ଯ୍ୟ ହାସଲ ହେବ। ପାରିବାରିକ ସମସ୍ୟାର ସମାଧାନ ହେବ। ଭ୍ରମଣ ଯୋଗ ରହିଛି।


**କର୍କଟ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି କଳହ ଦେଖାଦେଇପାରେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ମନ ଅସ୍ଥିର ରହିବ ।


**ସିଂହ:** ଘରେ ବିଶୃଙ୍ଖଳା ସୃଷ୍ଟି ହେବ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ରୋଜଗାର ସ୍ଥିର ରହିବ । ବନ୍ଧୁ ବାନ୍ଧବଙ୍କ ସହ ମତଭେଦ ଦେଖାଦେଇପାରେ । ମହିଳାମାନେ ଗର୍ବୀ ହେବେ ।


**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।


**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟର ପରିମାଣ ବୃଦ୍ଧି ପାଇବ।


**ବିଛା:** ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢ଼ିବ। ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।


**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଖୁସି ଦେଖାଦେବ। ଶୁଭ ଖବର ମଧ୍ୟ ପାଇପାରନ୍ତି ।


**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଗୃହେ ଖୁସିର ବାତାବରଣ ଖେଳିଯିବ ।


**କୁମ୍ଭ:** ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର।


**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅଳସୁଆ ହେବେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୦୯।୨୦୨୬, ଆଶ୍ୱିନ ଦି୧୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୭।୫୯ ଚନ୍ଦ୍ରୋଦୟ-ସଂଘ୭।୨୫।୩୬**

ତୃତୀୟା-ସଂଘ୫।୧୨ପର୍ଯ୍ୟନ୍ତ । **ଅଶ୍ୱିନୀନକ୍ଷତ୍ର ଦିଘ ୯।୧୫**ପର୍ଯ୍ୟନ୍ତ । ମେଷଚନ୍ଦ୍ର-ଅହୋରାତ୍ର **ଚନ୍ଦ୍ରଶୁଦ୍ଧି**-ମେଷ,ବୃଷ,ମିଥୁନ, କର୍କଟ,ତୁଳା,ବିଛା,ମକର, କୁମ୍ଭ ରାଶିର **ଘାତ ଚନ୍ଦ୍ର- ମେଷ ରାଶିର। ଶ୍ରାଦ୍ଧନିର୍ଣ୍ଣୟ**-ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ**-ପୋଟଳ ରାଘ୫।୧୨ଗତେ ମୂଳା ଖାଇବା ମନା। **ଆଜିର ଶୁଭବେଳା**-ପ୍ରାଘ ୫।୪୫ ଗତେ ଦିଘ ୬।୩୦ମଧ୍ୟେ। ଦିଘ ୮।୪୦ ଗତେ ଦିଘ ୧୧।୧୫ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## IRDAIର ବଡ଼ ପଦକ୍ଷେପ : ଇନ୍ସ୍ୟୁରାନ୍ସ ଠକେଇ ଉପରେ ଲାଗିବ ଲଗାମ୍

ବୀମା ସେକ୍ଟରରେ ପ୍ରାୟତଃ ଗ୍ରାହକଙ୍କୁ ଭୁଲ୍ ତଥ୍ୟ ଦେଇ ପଲିସି ଧରେଇ ଦିଅନ୍ତି । ଲୋକମାନେ ମଧ୍ୟ ଅଧିକ ଲାଭ ଆଶାରେ ଫସି ଯାଆନ୍ତି। ଏହାକୁ ରୋକିବାକୁ ଏବେ ବୀମା ନିୟାମକ (IRDAI) ବଡ଼ ପଦକ୍ଷେପ ନେବାକୁ ଯାଉଛି । ଯଦି ଏହି ପ୍ରସ୍ତାବ ଲାଗୁ ହୁଏ, ତାହେଲେ ଇନ୍ସ୍ୟୁରାନ୍ସ ସେକ୍ଟରରେ ଗ୍ରାହକଙ୍କ ସହ ହେଉଥିବା ଠକେଇ ଉପରେ ଲଗାମ୍ ଲାଗିବ । ବିଶେଷ କରି ଯେଉଁ ଏଜେଣ୍ଟମାନେ ଟାର୍ଗେଟ୍ ପୁରା କରିବା ଚକ୍କରରେ ଗ୍ରାହକମାନଙ୍କୁ ଭ୍ରମିତ କରୁଛନ୍ତି ସେମାନଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ । IRDAIର ନୂଆ ପ୍ରସ୍ତାବ ଅନୁଯାୟୀ, ସବୁଠୁ ବଡ଼ ପରିବର୍ତ୍ତନ ହେଉଛି ଏଜେଣ୍ଟଙ୍କ କମିଶନ। ପୂର୍ବରୁ ଯଦି କୌଣସି ଏଜେଣ୍ଟ ମିଛ କଥା କହି ଅଧିକ ପଲିସି ବିକ୍ରି କରି ଦେଉଥିଲା, ତାଙ୍କର କମିଶନ ପକ୍କା ହୋଇଯାଉଥିଲା । କିନ୍ତୁ ନୂଆ ନିୟମ ଅନୁସାରେ ଯଦି ପଲିସି ଭୁଲ୍ ଭାବରେ ବିକ୍ରି ହୋଇଥିବା ନେଇ ସାବ୍ୟସ୍ତ ହୋଇଯାଏ ତାହେଲେ ସେହି ଏଜେଣ୍ଟ କିମ୍ବା ଡିଷ୍ଟ୍ରିବ୍ୟୁଟରଙ୍କୁ ମିଳିଥିବା କମିଶନ ଫେରସ୍ତ ନିଆଯିବ। ଏହି ନିୟମ ଲାଗୁ ହେଲେ ଏଜେଣ୍ଟ କୌଣସି ଗ୍ରାହକଙ୍କୁ ଭ୍ରମିତ କରିବାକୁ ସାହସ କରିବେ ନାହିଁ । ପ୍ରାୟତଃ, କୌଣସି ବ୍ୟାଙ୍କ କିମ୍ବା NBFC ଯିବା ସମୟରେ କର୍ମଚାରୀମାନେ ଗ୍ରାହକମାନଙ୍କୁ ବୀମା ପଲିସି କିଣିବାକୁ ଉତ୍ସାହିତ କରନ୍ତି । ଏଥିପାଇଁ ତାଙ୍କୁ ପୁରସ୍କାର କିମ୍ବା ପ୍ରୋତ୍ସାହନ ମିଳେ । IRDAI ଏହି ବ୍ୟବସ୍ଥା ଉପରେ ମଧ୍ୟ ରୋକ ଲଗାଇବାକୁ ପ୍ରସ୍ତାବ ଦେଇଛି । ବ୍ୟାଙ୍କ କର୍ମଚାରୀମାନଙ୍କୁ ଆଉ ପଲିସି ବିକ୍ରି ସଂଖ୍ୟା କିମ୍ବା ଟାର୍ଗେଟ୍ ଆଧାରରେ ଇନସେଟିଭ୍ ଦିଆଯିବ ନାହିଁ । ଏହାଦ୍ୱାରା ଗ୍ରାହକମାନଙ୍କ ଉପରେ ଅନାବଶ୍ୟକ ପଲିସି କିଣିବା ପାଇଁ ଚାପ ହ୍ରାସ କରିବ । ପ୍ରାୟତଃ ଏଜେଣ୍ଟମାନେ ବୀମାକୁ ଫିକ୍ସ ଡିପୋଜିଟ ଏବଂ ଅଧିକ ରିଟର୍ଣ୍ଣର ଲୋଭ ଦେଖାନ୍ତି । IRDAI କହିଛି ଯେ, ଏଭଳି ମାମଲାକୁ ସମ୍ପୂର୍ଣ୍ଣ ଭାବରେ ମିସ୍-ସେଲିଂ ମାନ୍ୟତା ଦିଆଯିବ । ବୀମାର ମୁଖ୍ୟ ଉଦ୍ଦେଶ୍ୟ ସୁରକ୍ଷା ଦେବା । ଏହାକୁ ମିଥ୍ୟା କହି ବିକ୍ରି କରିଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ । ଏହି ପଦକ୍ଷେପ ଦ୍ୱାରା ନିବେଶକଙ୍କ ଅର୍ଥ ବଞ୍ଚିବ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଅନ୍ଧ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭକ୍ତର ଚକ୍ଷୁ ସଦା ସର୍ବଦା ଉନ୍ମୁକ୍ତ କର୍ଣ୍ଣ, ନାଶା ପାଟି ସବୁ ଉନ୍ମୁକ୍ତ କାରଣ ଶାସ୍ତ୍ର କହେ

"ମନୁଷ୍ୟ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ ।"

ଭକ୍ତ ଭଗବାନ ଭିତରେ ଗୁରୁ ଶିଷ୍ୟ ଭିତରେ ପ୍ରଭେଦ ନଥାଏ । ଆଉ ଯେ ପ୍ରଭେଦର ପ୍ରାଚୀର ଠିଆ କରାଏ ସେହି ଅନ୍ଧ । ଆଖି ଥାଇ ନଥିଲା ପରି ତାର ପାଟି ପୁରେ କିନ୍ତୁ ପେଟ ପୁରେ ନାହିଁ । ସଦାସର୍ବଦା ସେ ତା ହୁତାସରେ କାଳାତିପାତ କରୁଥାଏ । ହନ୍ତସନ୍ତ ହେଉଥାଏ । ଏଥିରୁ ଜାଣିବ ସେହିଁ ଅଜ୍ଞାନ, ନାମ ନେଇ ଧୃତ ହୋଇଯାଇଛି । ଗୁରୁଙ୍କ ସହିତ ଭଗବାନଙ୍କ ସହିତ ଛଳନା କରୁଛି । ତେଣୁ ସେ ଭଳି ଭକ୍ତ ପାଖରୁ ସଦା ସର୍ବଦା ଦୂରେଇ ଯେତେ ରହିବ ତୁମର ସେତେ ମଙ୍ଗଳ, କାରଣ- କୁହାଳିଆ କେଭେ ଦୁହାଁଳିଆ ନୁହେଁ । ତାର ନିଷ୍ଠା ନଥାଏ, ଚରିତ୍ର ନଥାଏ, ଉପର ଦେଖାଣିଆ ଭକ୍ତ ସାଜିଥାଏ । ତାର ବ୍ୟବହାର, ଚାଲିଚଳନ ଉପରେ ସଦାସର୍ବଦା ଦୃଷ୍ଟି ନଥାଏ। ସେ କେବଳ ଅନ୍ୟକୁ ସମାଲୋଚନା କରି ଚାଲିଥାଏ । ତେଣୁ ସେ ହିଁ ଅନ୍ଧ, ତେଣୁ ଅନ୍ଧ ସହିତ ସମ୍ପର୍କ ରଖିଲେ ଯାହା ହୁଏ ତୁମର ବି ଦିନେ ନା ଦିନେ ସେଇଆ ଭୋଗିବାକୁ ପଡିଥାଏ । ତେଣୁ ତୁମେ ଶିଷ୍ୟ ହୁଅ ବା ଭକ୍ତ ହୁଅ ନିଷ୍ଠା ରଖ ପ୍ରଭୁଙ୍କ ବାକ୍ୟ ଉପରେ ପ୍ରଭୁଙ୍କୁ ପ୍ରେମକର କିନ୍ତୁ ପ୍ରତିଦାନ ଚାହଁନାହିଁ ପ୍ରଭୁଙ୍କ ଆଶ୍ରାକର କିନ୍ତୁ ଆଶାବାଦୀ ହୁଅନାହିଁ । ଦେଖିବ ତୁମର ଅନ୍ଧତ୍ୱ ନିଶ୍ଚୟ ଦୂରିଭୂତ ହେବ ଏବଂ ଶ୍ରୀ ଗୁରୁଙ୍କ କୃପା ଲାଭ ପାଇ ଜଗତରେ ଶ୍ରେଷ୍ଠ ମାନବ ରୂପେ ଭକ୍ତ ରୂପେ ଶିଷ୍ୟ ରୂପେ ପରିଗଣିତ ହୋଇପାରିବ ।

◆◆

# ପ୍ରାକ୍ ସ୍ୱାଧୀନତା ନମକୀ ପୁଲିସ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଗାଉଁଲୀ ଡଗଟିଏ, ଅତି ଚତୁର ଚୁଲି ମୁଣ୍ଡକୁ ଯୋଗ୍ୟ। କିନ୍ତୁ ଫିରିଙ୍ଗିମାନେ ବଡ଼ ଚତୁର। ସେମାନେ ଭାରତ ଅଧିକାର କଲେ। ଏଣିକି ଟଙ୍କା ଲୁଟିବା ନିଶା। କର, ଟିକସ, ଏକଚାଟିଆ ବେପାର ବଣିଜ ଯେତେ ଯାହା, ସବୁ ସେଇ ଖଜଣାଖାନା ପୂରଣ ପାଇଁ। ଏଥିପାଇଁ ନାନା ପ୍ରକାର ବୈଧ ଅବୈଧ ଆଇନ ପ୍ରଣୟନ କଲେ। ତା' ଭିତରୁ କେତେକ ତାଙ୍କ ରାସ୍ତାରେ କଣ୍ଟା ହେଲା। କପଟୀ ଇଂରେଜମାନେ ତାହା ପ୍ରଥମରୁ ଜାଣି ପାରିଲେନି। ଜାରି କଲେ ଲବଣ ଆଇନ। ଚଳାଇଲେ ଏକଚାଟିଆ ଲବଣ ବ୍ୟବସାୟ। କୋଟି କୋଟି ଭାରତୀୟ ଜୀବିକା ହରାଇଲେ। ଜନ ଅସନ୍ତୋଷ ତୀବ୍ରତର ହେଲା। ଇଂରେଜ ଶାସନ ବିରୋଧରେ ଲଢ଼େଇ ବି। ଜାତୀୟ ମୁକ୍ତିସଂଗ୍ରାମ ଶେଷରେ ଫଳବତୀ ହେଲା। ଫିରିଙ୍ଗିଙ୍କ ଲବଣ ଆଇନ ଏହାର ଅନ୍ୟତମ ବଳିଷ୍ଠ କାରଣ। ଉପର୍ଯ୍ୟୁକ୍ତ ଅପରିଣାମଦର୍ଶିତା ଶେଷରେ ମହଙ୍ଗା ପଡ଼ିଲା। ଇଂରେଜମାନେ ନିଜ ଗୋଡ଼ରେ କୁରାଢ଼ି ମାରିଲେ ଯାହା।

ଓଡ଼ିଶାବାସୀ ଲୁଣମରାରୁ ବଞ୍ଚିତ ହେଲେ। ଏକଦା ଏହାର ବିସ୍ତୀର୍ଣ୍ଣ ଅଞ୍ଚଳ ଲୁଣଚାଷ ପାଇଁ ପ୍ରସିଦ୍ଧ ଥିଲା। ଉତ୍ତର ଦିଗରେ ସୁବର୍ଣ୍ଣରେଖା ନଦୀଠାରୁ ଦକ୍ଷିଣରେ ଧାମରା ନଦୀ ଯାଏ - ଏଇ ବିରାଟ ଉପକୂଳବର୍ତ୍ତୀ ସ୍ଥାନର ନାମ ଲୁଣାଦଣ୍ଡୀ। ଏଠାକା ଲୋକଙ୍କ ଏକମାତ୍ର ବ୍ୟବସାୟ ଲବଣ ପୋକ୍ତାନ। କେହି ଲୁଣମାରେ, କେହି ତାଙ୍କୁ ନାନା ପ୍ରକାର ସହାୟତା କରେ। ଥୋକେ ଲବଣ ବ୍ୟବସାୟୀ, ଅନେକ ସରକାରୀ ଚାକର, କେହି କିଛି ନ ପାରିଲା ସେ ଚୋର, ଲୁଣ ପଇକାର। ଏମାନେ ଅସଂଖ୍ୟ। ଚୁଲିଆ ଲୁଣ ମାରି ଗଦା କରେ। ସଂଖ୍ୟା ନେବା, ବିକ୍ରି କରିବା ଦାୟିତ୍ୱ ସରକାରଙ୍କର। ଆଉ ଦଳେ ଧୋବ ଧାଉଳିଆ ଚୋର, ସୁବିଧା ଉଣ୍ଡି ଥାଆନ୍ତି, ରାତିରେ ଗଡ଼ଜାତକୁ ଶସ୍ତାରେ ଲୁଣ ଚାଲାଣ କରି ଦିଅନ୍ତି। ଭଲ ଦି' ପଇସା ବି ପାଆନ୍ତି। ଏମାନେ ବଡ଼ ଚୋର। ଏବେ ସବୁ ବନ୍ଦ। ଲୋକେ ଲୁଣ କିଣି ଖାଇଲେ। ଏକେ ତ ମଫସଲ ଲୋକ, ତାଙ୍କ ପାଇଁ ପନିପରିବା ସୁଲଭ ନାହିଁ। ପିତାପାଣି ଭରସା, ଲବଣ ସହାୟକ, ତାହା ଆଉ ନାହିଁ। ଏବେ ବିଲାତୀ ଲାଫ୍ରି ଲୁଣ ଢେର୍ ହାଟରେ ଗଦା, ପାଖରେ ପଇସା ନାହିଁ, ହାଟଟା ବି ଦି' କୋଶ ଅଢ଼େଇ କୋଶ ଦୂର। ଲୋକେ ବଡ଼ ହଟହଟା ହେଲେ। ଫିରିଙ୍ଗି ଗୁଡ଼ାକ ମ୍ଲେଛ, ରାତାରାତି ତାଙ୍କ ଦାନାରେ ଧୂଳି ଦେଲେ - ଏ ଧାରଣା ଜନ୍ମିଲା। ଉପକୂଳବର୍ତ୍ତୀ ଅଞ୍ଚଳ। ଘର ଚାରିପାଖରେ କୋଟି କୋଟି ମହଣ ଲୁଣ, ଭଗବାନ ଅଜାଡ଼ି ଦେଇଛନ୍ତି। ମୁଠାଏ ମାଟି ଆଣିଲେ ଲୁଣ ଖରଚ ଚଳିଲା। ପିଲାଝିଲା ସମସ୍ତେ ଲୁଣ ମରାରେ ପାରଙ୍ଗମ। ମାଟି ମୁଠାକ ପାଣିରେ ମିଶାଇ ଚୁଲିରେ ବସାଇ ଦେଲେ ଲୁଣ। ଏବେ ସରକାର ସବୁ ସୁବିଧା କାଢ଼ିନେଲେ।

ଲୁଣମରା ବେଆଇନ୍, ଯିଏ ଆଇନ ଭାଙ୍ଗିବ ଗିରଫ ହେବ। ଲୋକେ ଏ କଥାକୁ ପୂରାପୂରି ମାନିଲେନି। ଯିଏ ଲୁଚାଛପାରେ ଲୁଣ ମାରିଲେ ଚାଲାଣ ହେଲେ, ସଜା ଭୋଗିଲେ। ଲୁଣ ଚୋରଙ୍କୁ ଧରିବା ପାଇଁ ସରକାର ତତ୍ପର ହେଲେ। ନୂଆ ନୂଆ ଅମଲା, ପୁଲିସ ବାହଲ ହେଲେ। ସେମାନଙ୍କ ମଧ୍ୟରେ ଥିଲେ ଜମାଦାର ଠାରୁ ଆରମ୍ଭ କରି ଇନିସ୍‌ପେକ୍ଟର ଯାଏ। ଏମାନେ ସବୁ ପୁରୁଣା ଅମଲା, କେବଳ ନୂଆ ନୂଆ କନେଷ୍ଟବଳଙ୍କୁ ନିଯୁକ୍ତି ମିଳିଲା। ଚାଲିଲା ଚୋର ପୁଲିସ ଖେଳ। ମଫସଲରେ ଯେ ବସିଲା ସେ ନମକୀ ପୁଲିସ। ସିଏ କନେଷ୍ଟବଳ, ତା'ର ରୋବାକ ବି କମ୍ ନୁହେଁ। ଇଂରେଜ ପୁଲିସ, ମଫସଲିଆଙ୍କୁ ନାଲି ଆଖି ଦେଖାଇଲେ, ଅଣ୍ଟାଗୁଞ୍ଜା ନେଲେ, ଅୟସରେ ରହିଲେ। ଲୋକେ ତାଙ୍କୁ ଫଳ ପୁଷ୍ପେ, ସନ୍ତୁଷ୍ଟ କଲେ। କିଏ ବାଡ଼ି ବନ୍ତଳ କଦଳୀ, ସରୁ ବାସୁମତୀ ଚାଉଳ, କିଏ ଦିଶୁ ଘିଅ, ଖାଣ୍ଟି ଦୁଧ ଆଣି ହାଜର। ନମକୀ ପୁଲିସ ବି ଖୁସି, ଲୋକେ ବି। ଚାଲିଲା ଲୁଣମରା ଲୁଚାଛପାରେ। ଏମିତି ଏକ ବିକଳ ସାମାଜିକ ସ୍ଥିତି। ବାଲେଶ୍ୱରବାସୀ ହନ୍ତସନ୍ତ, ଲବଣ ପୋକ୍ତାନ ସମ୍ପୂର୍ଣ୍ଣ ବନ୍ଦ। ଅଞ୍ଚଳବାସୀ ନିଃସ୍ୱ। ସେମାନଙ୍କ ଦୁରବସ୍ଥାକୁ ଫକୀରମୋହନ ସେନାପତି ପାଖରୁ ଦେଖିଲେ। ଲେଖିଲେ 'ପୁନର୍ମୂଷିକୋଭବ' ଗପ। ଲାଞ୍ଚୁଆ ପୁଲିସ, ଜାତିଆଣ ପ୍ରଥା - ଏଇ କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଲେଖକ ଆଲୋକପାତ କରିଛନ୍ତି।

ଆଜି ବାଲେଶ୍ୱର ସଦର କଚିରି ଭାରି ଜାରି। ଲୁଣାଦଣ୍ଡୀ ସକାଶେ ପୁଲିସ ଅମଲା ବାହଲ ହେଲେ। କଚିରି ପେସ୍କାରଙ୍କ ଚାକର କିଣା ବାରିକ, ଜାତି ଭଣ୍ଡାରି। କିଣା ଘର ମଫସଲରେ, ପେସ୍କାରଙ୍କ ପାଖରେ ରହି ଢେର୍ ଚାଲାଖ। ବାବୁଙ୍କ ବସାରେ ସବୁକାମ କରେ। ବସ୍ତାନି ବୋହି କଚିରିକି ନିଏ। ପେସ୍କାରଙ୍କ ରୋଷେଇରେ ଚଳେ, ମଉକିଲଙ୍କ ଯିବା ଆସିବା, ବାବୁଙ୍କୁ ଦିଆନିଆ ସବୁ କିଣା ଜରିଆରେ। ପେସ୍କାର ପାଆନ୍ତି, କିଣା ବି କିଛି ପାଏ। କଚିରିଆ ବୋଲି ତାକୁ ଗାଁ ଲୋକେ ମାନନ୍ତି, ଟାଣୁଆ ଲୋକରେ ଗଣନ୍ତି। କିଣାଟା ଭାରି ଚତୁର। 'ନରାଣାଂ ନାପିତୋ ଧୂର୍ତ୍ତୋଃ'। ପୁଣି କଚିରି ଯିବା ଆସିବାରେ ଆଉ କିଛି ବୁଦ୍ଧି ଶିଖି ଯାଇଛି। ବୟସ ପଚିଶ ତିରିଶ ଭିତରେ, ପଞ୍ଝହତା ମର୍ଦ୍ଦ। ବିଦ୍ୟା, ବପୁ, ବାକ୍ୟ, ବସ୍ତ୍ର, ବିଭବ - ଏହି ପଞ୍ଚ 'ବ' କାର ତା' ଠାରେ ଅଛି। କିଣା ପେସ୍କାର ବାବୁଙ୍କ ମନ ନେଇ ଯାଇଛି। ବାବୁ ତାକୁ ନମକୀ କନେଷ୍ଟବଳ ଚାକିରିଟା କରାଇ ଦେଲେ। ମାସକୁ ଦରମା ୬ ଟଙ୍କା। ସେତେବେଳକୁ ବିଲାତୀ ଗୋଷ୍ଟ ମାରକା ଧୋତି ଦେଶକୁ ଆସି ନ ଥାଏ। କିଣା ପିନ୍ଧେ ବାଲିବିଶି ଦେଶୀ ସୂତାବୁଣା ଖଦି ଖଣ୍ଡେ। ଦିହରେ ବନ୍ଧଲଗା ଗୋଟାଏ ଅଙ୍ଗା, ଦୋମୁହାଁ ଖଣ୍ଡେ ମୁଣ୍ଡରେ ପଗଡ଼ି। ତା' ମୁଣ୍ଡବନ୍ଧା ପାଗଟା ବକାଏ ରହିଲା। ସେ ସ୍ଥାନ ସରକାରରୁ ମିଳିଥିବା ସାଲୁଲଗା ଲାଲ ପାଗ ଅଧିକାର କଲା। କିଣା ବାରିକର ନାଁ ବଦଳିଗଲା। ସରକାରୀ କାଗଜ କଲମରେ ତା' ନାଁ ଦରଜ ହେଲା କିଶାରାମ ସିଂହ। କାନ୍ଧରେ କନେଷ୍ଟବଳି ବେଗ୍। କିଶାରାମ ଚାଲିଲେ ମକ୍ରାମ୍‌ପୁର। ନିପଟ ମଫସଲଟାଏ। ସେଠି ଲୋକେ କହିଲେ ପୁଲିସ ବାବୁ, କିଏ କହିଲା ନାଲି ପଗଡ଼ିଆ, ଆଉ କିଏ ନାଁ ଦେଲା ପୁଲିସ ଜମାଦାର।

ଗାଁରେ ଭାରି ଚହଳ ପଡ଼ିଛି। ନୂଆ ନମକୀ ପୁଲିସ ବାବୁ ଆସିଛନ୍ତି। ମୁଖ୍ୟା ମୁଖ୍ୟା ଲୋକେ ହାଜର। କିଏ ନଇଁ ଜୁହାରଟାଏ ପକାଉଛି, ଦେଖଣାହାରୀ ପିଲାଗୁଡ଼ାକ ବେଶି। ଘର ମାଇକିନିଆମାନେ ତାଟି କବାଟ ଦରଆଉଜା କରି ଦେଇଛନ୍ତି। ଘର ଭିତରୁ ଚାହିଁଛନ୍ତି। ଜମାଦାର ପାଟିକରି ଶୁଣାଇଦେଲେ, ଚାରିଖଣ୍ଡି ମଉଜାର ସେ ହାକିମ। ଚାଲିଲା ହାକିମଙ୍କ ଚର୍ଚ୍ଚା, କାହାଘରୁ ଚାଉଳ, କାହାଘରୁ କାଠ, ଲୁଣ, ବାଇଗଣ ଇତ୍ୟାଦି ଆସିଲା। ଗଉଡ଼ ନିରୁତା ଗାଈ ଦୁଧ, ଦିଶୁ ଘିଅ ପହୁଞ୍ଚାଇ ଦେଲା। ଚାରିଜଣ ପାଣ ଟୋକା ଧାଇଁଗଲେ, ଗୋଟା ପାଣିଖାଲ ବୋହିଦେଲେ। ଦି' ଚାରିଟା ଗଡ଼େଇ, ଟେଙ୍ଗ, କଉ ଟିପି ଧରି ଆଣିଲେ। ଏମିତି ପ୍ରତିଦିନ, ଜମାଦାରଙ୍କୁ କହିବାକୁ ପଡ଼େନି। ଦୁଧ, ମାଛ, ଘିଅର ଅଭାବ ନାହିଁ। ଗାଁ ଯାକ ତ ଚୋର, କେତେବେଳେ କ'ଣ ଅଛି। ଜମାଦାରଙ୍କୁ ହାତେଇ ନେଲେ। ପୁରୋହିତ ରୋଷେଇ କାମରେ, ବେଠିଆ ରାମା ଭଣ୍ଡାରି, ଜମାଦାରଙ୍କ ରୋଷେଇ ଡୌଲ, ଲିପାପୋଛା କରେ, ଶଙ୍କୁଡ଼ି ବାସନ ମାଜେ, ବାବୁଙ୍କ ଦିହମୁଣ୍ଡ ଚିପି ଦିଏ, ତେଲଟିକେ ମାଲସ କରିଦିଏ। ମଫସଲ ଜାଗା, ଥାନା ଫାଣ୍ଡି ନାହିଁ, ଜମାଦାର ଭାଗବତ ଟୁଙ୍ଗୀଟାକୁ ଅଫିସ୍ କରିଦେଲେ। ସବୁବେଳେ ଗହଳ ଚହଳ, କିଏ କେତେ ରକମ କହି ଜମାଦାରଙ୍କୁ ଭଣ୍ଡାଉଥା'ନ୍ତି। ଗ୍ରାମ ଅବଧାନେ ବନମାଳୀ ଓଝା, ସନ୍ଧ୍ୟାରେ ଛାନ୍ଦ ଶୁଣାନ୍ତି। ଗ୍ରାମରେ ଲୋକେ ଏକଜୁଟ ଆଉ ସରକାରୀ ଲୋକ ଦିଗବାର। ସେ ତ ଗ୍ରାମବାସୀ ମଧ୍ୟରେ ଜଣେ। ଜମାଦାରଙ୍କ ଏବେ ଭାରି ଚିନ୍ତାଟାଏ। ନୂଆ ଚାକିରି ଗୋଟେ ବି ଚୋର ଧରା ନାହିଁ। ବଡ଼ ହାକିମ ରାଗିବେ। କ'ଣ କୁଆଡ଼େ କରିବେ। ଅସରପା ଗୋଟା ଚଢ଼େଇ ନା କନେଷ୍ଟବଳ ଗୋଟା ଚାକିରି। ହାକିମ ରାଗିବେ ତ ପାଟିରେ ବାଡ଼ବତା ରହିବନି। ପୁଲିସିଆ ରୋଳବାଡ଼ି ଉଠିଯିବ - ଏମିତି ଜମାଦାର କିଶାରାମଙ୍କ ନାନାଦି ଚିନ୍ତା। ଏଣିକି କେଶ୍ ଦେବାକୁ ହବ ହିଁ ହବ।

ଆଜି ଜମାଦାର ପାଞ୍ଚଥର ଖବର ପଠାଇଲେଣି, ଟହଲିଆ ରାମା ଭଣ୍ଡାରିର ଦେଖାନାହିଁ। ଖବର ମିଳିଲା, ସେ କହୁଛି, "ମୁଁ କ'ଣ ଜମାଦାରଙ୍କ ଶଙ୍କୁଡ଼ି ଉଠାଇ ତିନି ପାଞ୍ଚିରୁ ଯିବି ?" ତା' ପରମାଣିକ ଆସିଥିଲେ, ତାଗିଦ୍ କରି ଦେଇଗଲେ। ଏଣିକି ରାମା ଜମାଦାରଙ୍କ ଶଙ୍କୁଡ଼ି ଉଠାଇବନି। ନ ମାନିଲେ ନିଆଁ ପାଣି ବନ୍ଦ, ଜାତି ଭାଇ ଅଟକ ରଖିବେ, ବାସନ୍ଦ କରିବେ। ଜାତିପାଟକ କଥା, ପରମାଣିକ କଥା ହେଣ୍ଟିଲେ ମହାବିପତ୍ତି। ସମସ୍ତେ ବି ଜାଣି ଗଲେଣି, ଜମାଦାର ଜାତିରେ ଭଣ୍ଡାରି। ରାମା ଜାତିର ସେବା କରିବାକୁ ନାରାଜ। ଏ କଥାଟା ବି ଜମାଦାର କାନରେ ବାଜିଲା। ରାଗରେ ନିଆଁବାଣ। ହିନ୍ଦୁ ପୁରାଣ ଜାଣିଥିଲେ ଗାଁର ବୁଢ଼ା ମୁସଲମାନ ମୌଲବୀ। ସେ ସାଙ୍ଗେସାଙ୍ଗେ ବୋଲିଲେ, "ମହାଭାରତ ଆଉର କୁଛ ନେହିଁ। ଭାଇ ଭାଇୟୋ କି ତକରାରି ଜେସ୍‌ସା। ଆଉ ରାମାୟନ୍ ଯୋ ହେ, ଭାଇ ଚୁଗଲଖୋରି ମେଁ ରାବଣ କା ବୁନିଆଦି ବରବାଦ୍।" ଭାଇ ଭାଇ ତକରାରିରେ ଅନେକ ଖାନଦାନି ଖିନ୍ ଖରାପ। ଏଣେ ଜମାଦାର ଭଣ୍ଡାରି କି ରାମା ଭଣ୍ଡାରି। ଉଭୟ ଜିଦ୍‌ରେ ଅଟଳ।

ପରଦିନ ଖୁବ୍ ସକାଳ। ଏକ ବିଚିତ୍ର ଦୃଶ୍ୟ। ରାମା ଡାହାଣ ଡେଣାରେ ରଶିଲଗା, ବାଁ କାନ୍ଧରେ ଚୋରା ଲୁଣ ହାଣ୍ଡି। ଦିଗବାର ଶଙ୍କୁ ମଳିକ ଡାହାଣ କାନ୍ଧରେ ଠେଙ୍ଗା, ବାଁ ହାତରେ ରାମାବନ୍ଧା ଦଉଡ଼ି ମୁଣ୍ଡ। ଜମାଦାର ଛାତି ଫୁଲେଇ ଚାଲିଛନ୍ତି ଆଗେ ଆଗେ। ମେଜେଷ୍ଟର ସାହେବଙ୍କ ପାଖରେ ମାମଲା ପେଶ୍ ହେଲା। ଆସାମୀ ନାଜର ଖାନା ବାଟେ ହାଜତକୁ ଚାଲାଣ ହେଲା। ମେଜେଷ୍ଟର ମୌଲବୀ ଅବୁଲ୍ ମିଆଁ। ଆଗାମୀ ପାଞ୍ଚ ତାରିଖରେ ତାରିଖ ଧାର୍ଯ୍ୟ। ଗାଁ ବାଲାଙ୍କ ଭାଳେଣି, ଆଜି ରାମା, କାଲି ଆଉ କିଏ ବନ୍ଧା ହେବ - ଏମିତି ପାଲା ବି ଚାଲିବ। ଫନ୍ଦିଟାଏ କାଢ଼ିଲେ, କିଛି କିଛି ଚାନ୍ଦା ଆଦାୟ କଲେ। ଦି' ଜଣ ମୁଖିଆ ବିଚାର ପୂର୍ବଦିନ ଗଲେ ବାଲେଶ୍ୱର। ସେମାନଙ୍କ ମଧ୍ୟରେ ପୁରୋହିତ ପୁରୁଷୋତ୍ତମ ରଥେ, ତାଙ୍କ ପୁଅ ପେସ୍କାରଙ୍କର ରୋଷେଇଆ। ପେସ୍କାର ଲମ୍ବ ହୋଇ ପୁରୋହିତଙ୍କୁ ଦଣ୍ଡବତଟାଏ ପକାଇଲେ। ରଥେ ତାଙ୍କରି ବସାରେ ରହିଲେ। ଚାଲିଲା କଥାବାର୍ତ୍ତା ଢେର୍ ରାତିଯାଏ। ତା' ପରଦିନ ରାମାର ବିଚାର ହେଲା। ରାମା ତରଫରୁ ଉକିଲ ଖୁବ୍ ଜବାବ ସୁଆଲ କଲେ। ମୁଦେଇ ଜମାଦାର କିଶାରାମ ସିଂହ, ମୁଦାଲା ରାମା ଭଣ୍ଡାରି। ସେମାନେ ନିଜ ନିଜ କଥା ରଖିଲେ। କନେଷ୍ଟବଳ ବରାମଦି ମାଟି କିଞ୍ଚିତ ହାତରେ ଉଠାଇ ଚାଖିଲେ, ସତକୁ ସତ ଲୁଣିଆ। ରାମାର ଉକିଲ କହିଲେ, "ହଜୁର୍, ମାମଲା ତମାମ୍ ଝୁଠା ଓ ଫରେବ। ମୁଦେଇ କିଶାରାମ ସିଂହ, ଜାତିରେ ଭଣ୍ଡାରି। ମୁଦାଲା ମଧ୍ୟ ଭଣ୍ଡାରି। ଆସାମୀ ତା'ର ଶଙ୍କୁଡ଼ି ନ ମାଜିବାରୁ ସେ (ମୁଦେଇ) ବଡ଼ ରାଗିଥିଲେ। ଆସାମୀକୁ ଜବତ୍ କରିବା ଓ ହଇରାଣ କରିବା ମତଲବରେ ମାମଲା ରଚନା କରିଛନ୍ତି।" ମଫସଲୀ ତିର୍ଲାମାନେ ରାତ୍ରିରେ ଦାଣ୍ଡକୁ ବାହାରନ୍ତି ନାହିଁ। ମାଟି ବାହାର ନାଳ ଦୁଆରର ଇତ୍ୟାଦି ଇତ୍ୟାଦି। ସେ ପାଣି ପଡ଼ି ଲୁଣିଆ ହୋଇ ଯାଇଛି। ମୁଦେଇ କିଶାରାମ ଆଉ ଥରେ ମାଟି ଚାଖୁ ଓ ଶୁଂଘୁ, ସେ ଭଳି ଉସ୍‌ମୂଳିଆ ଗନ୍ଧ ଅଛି କି ନାହିଁ ସଫା ଜାଣି ଯିବ; ଏକଥା ବି କହିଲେ। ହାକିମ ମୁରୁକି ମୁରୁକି ହସୁଥାନ୍ତି। ରାୟ ଦେଲେ ରାମା ନିର୍ଦ୍ଦୋଷ, କିଶୁରାମ ସିଂହ ପୁଲିସ ଚାକିରି ପାଇଁ ଅଯୋଗ୍ୟ। ପେସ୍କାରଙ୍କର ପୁରୁଣା ଚାକରଟା କିଣା। ସେ ହାକିମଙ୍କୁ ବୁଝେଇଦେଲେ, କିଶାଟା ନୂଆ ଚାକିରି କରିଛି। ଗ୍ରାମଲୋକ ଏକଜୋଟ୍।

ହାକିମ ବୁଝିଲେ, କିଛି ଖୋସାନାମଇ କରି କିଶୁକୁ ଛାଡ଼ିଦେଲେ। ପୁଣି ସେଇ ଗାଁ, ସେଇ ଲୋକ। ଏବେ କୌଶଳ ଅଲଗା। ଜମାଦାରଙ୍କ ଖର୍ଚ୍ଚ ଗାଁ ଲୋକ ଚଳାଇବେ, ଏ ସିବାଏ, ମାସକୁ ପାନଖର୍ଚ୍ଚ ଯୋଡ଼ାଏ ଟଙ୍କା ଦେବେ। ଫିମାସରେ ବଡ଼ ଚୋରି ଆସାମୀ ଧରି ଦେବେ। ଜମାଦାର ଖର୍ଚ୍ଚ ଚାରି ଗାଁ ବିଛାଣିରୁ ଉଠିବ। ଏ ସିବା ଗୋଟେ ପାଣ ହାତରେ କିଛି ଲୁଣ ଦେଇ ଧରାଇବେ। ପାଣ ଘରଖର୍ଚ୍ଚ, ହାନିଲାଭ ଗାଁ ବାଲା ବୁଝିବେ। ପାଣ ବି ରାଜି। ଖଟଣି ନାହିଁ, ଜେଲଖାନା ଖାନା, ରହିବା ଘର ଠାରୁ ଢେର୍ ଭଲ। ଏମିତି ପାଲା ଚାଲିଲା। ସାଲ ତମାମର ରିପୋର୍ଟ ଆସିଲା। ଚୌକିଆ ଠାରୁ ସଦର ଶ୍ରେସ୍ତାଦାର ପର୍ଯ୍ୟନ୍ତ ଚୋର। ପାଣ ତ ଜେଲ ଯାଉଛନ୍ତି, ଆଉ ଜାତି ଲୋକେ କ'ଣ ଲୁଣ ଚୋର ନୁହନ୍ତି ? ନିମକ ମାହାଲ ଠକଙ୍କୁ ଧରିବା ପାଇଁ ଗୋଇନ୍ଦା ଲାଗିଲେ। ଶେଷରେ କିଶାରାମ ସିଂହ ଧରାପଡ଼ିଲା। ଏଥର ଚାକିରି ଗଲା। କିଣା ଆଚ୍ଛା ଦୁଇ ପଇସା ଛାଟି ଆଣିଥିଲା - ଭଣ୍ଡାରି ବାପୁଡ଼ା, ଶ' କଡ଼ା ଟଙ୍କା ମୁଣ୍ଡ ଛୁଇଁଦେଲେ ତାକୁ ଢେର୍। ସେତକ ବି ସଇଲା। ଏବେ କିଶାରାମ ସିଂହ ଜମାଦାର ନୁହଁ, କିଣା ଭଣ୍ଡାରି। କୌଳିକ ବୃତ୍ତି ଛାଡ଼ିଥିଲା। ଏବେ ଗାଁ ଗଣ୍ଡା ଖଟି ଖାଏ। ଲୋକେ କୁହାକୁହି, "ଓଃ ଏହିଁକି ଏତେ ? ପୁନର୍ମୂଷିକୋଭବ।"

ଦି' କଉଡ଼ିଆ ମୁଣ୍ଡ, କ'ଣ ଗୋଟାଏ ପଦ ପଦବୀ ମିଳିଗଲା, ଏଣିକି ମୁଣ୍ଡଟା ଆକାଶରେ। ସେବେ ତ ବ୍ରିଟିଶ ରାଜ, ଛୋଟ କନେଷ୍ଟବଳ ବି ହାକିମ। ଛୋଟସାପର ବିଷ ଉତ୍କଟ। ମାତ୍ର ଥରେ ପଦ ଚାଲିଗଲେ ଯୋଉ କଥାକୁ ସେଇ କଥା। ଠକି ଖାଇଲେ ଠିକିବାକୁ ପଡ଼େ। ଖାଲି ଚାକିରି ଯାଏନି, ଜେଲ ଯିବାକୁ ପଡ଼େ। ଏମିତିକା ନଜିର ଆଜି କିଛି କମ୍ ନାହିଁ। ତା' ପରେ ସିଂହରୁ ମୂଷା - ପୁନର୍ମୂଷିକ ଯାହା!

# ଘନଉଛି ଭୂତଳ ଜଳ ସଂକଟ



ହିତାଂଶୁ ଶେଖର ମହାନ୍ତ
ମ୍ୟାନେଜର-ମିଡିଆ
କମ୍ୟୁନିକେସନ୍ସ
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

ଆମ ଦେଶ ଏବେ ଏପରି ଏକ ଅନ୍ଧାରି ମୁହାଣ ଆଡ଼କୁ ଆଗଉଛି, ଯାହାର ପରିଣତି କେବଳ ଆଉ କେବଳ ଧ୍ୱଂସ। ପରିଣାମ ବାବଦରେ ଖୁବ୍ ଭଲଭାବରେ ଜାଣି ମଧ୍ୟ ଚାଲିଛି ଭୂତଳ ଜଳର ଆଖିବୁଜା (ଅପ)ବ୍ୟବହାର ! ଫଳରେ ଭୂତଳ ଜଳସ୍ତର ଏତେ ତଳକୁ ଖସିଗଲାଣି ଯେ, ଏହା ତୀବ୍ର ଜଳ ସଂକଟ ସହ ଅସନ୍ତୁଳିତ ପରିବେଶର ମଧ୍ୟ କାରଣ ସାଜିଛି। ଭାରତରେ ଭୂତଳ ଜଳର ବ୍ୟବହାର ଅତି ସମ୍ବେଦନଶୀଳ ଅବସ୍ଥାରେ ପହଞ୍ଚିଛି। ତ୍ୱରିତ୍ ସହରୀକରଣ, କୃଷି ଏବଂ ଶିଳ୍ପ କ୍ଷେତ୍ରରେ ଜଳର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ଏବଂ ତୀବ୍ର ଗତିରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଭୂତଳ ଜଳସ୍ତର ଖୁବ୍ ତଳକୁ ଖସି ସାରିଲାଣି। ଭାରତରେ ପ୍ରତିବର୍ଷ ୨୪୫ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍) ଭୂତଳ ଜଳ ବ୍ୟବହୃତ ହୋଇଥାଏ। ଏ ପରିମାଣ ସାରା ବିଶ୍ୱରେ ସର୍ବାଧିକ। ଏହାଦ୍ୱାରା ଦେଶର ପ୍ରାୟ ୮୦ ପ୍ରତିଶତ ପାନୀୟ ଜଳ ଆବଶ୍ୟକତା ଏବଂ ପ୍ରାୟ ୬୪ ପ୍ରତିଶତ ଜଳସେଚନ ଆବଶ୍ୟକତା ପୂରଣ ହୋଇଥାଏ। ଦେଶର ୨୬୭ଟି ଜିଲ୍ଲାରେ ଭୂତଳ ଜଳ ଉତ୍ତୋଳନ ସ୍ତର ୬୪ରୁ ନେଇ ୩୮୫ ପ୍ରତିଶତ। ଏହା ଖୁବ୍ ଏକ ସଂଗୀନ ଦିଗକୁ ଦର୍ଶାଉଛି। ସଂସଦର ଲୋକଲେଖା ସମିତି ତୁରନ୍ତ ରାଜ୍ୟଗୁଡ଼ିକୁ ଭୂତଳ ଜଳର ସ୍ୱଚ୍ଛ ଓ ଦୀର୍ଘମିଆଦି ବ୍ୟବହାର ନିମନ୍ତେ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ନିକଟରେ ଦାବି ରଖିଛି। ଆଜି ବାସ୍ତବତା ଏଇଆ ଯେ, ହରିଆଣା, ରାଜସ୍ଥାନ, ପଞ୍ଜାବ ଏବଂ ଦିଲ୍ଲୀର ଅଧିକାଂଶ ଅଞ୍ଚଳ 'ଡାର୍କ ଜୋନ୍'ରେ ଆସି ସାରିଛି। ପଞ୍ଜାବ, ହରିଆଣା, ରାଜସ୍ଥାନ ଏବଂ ଦିଲ୍ଲୀରେ ଭୂତଳ ଜଳ ଉତ୍ତୋଳନର ପରିମାଣ ଶତ ପ୍ରତିଶତରୁ ମଧ୍ୟ ଅଧିକ। ଏହାର ସିଧାସଳଖ ଅର୍ଥ ହେଉଛି, ଉତ୍ତୋଳିତ ଜଳର ପରିମାଣ ନିଷ୍କାସିତ ହେଉଥିବା ଜଳର ପରିମାଣଠାରୁ ଅଧିକ। କିଛି କିଛି ଜିଲ୍ଲାରେ ତ ଏହି ସ୍ଥିତି ୩୮୫ ପ୍ରତିଶତ ଛୁଇଁ ସାରିଛି। ଏନସିଆର ଅନ୍ତର୍ଗତ ଦିଲ୍ଲୀ ସମେତ ରାଜସ୍ଥାନ ଏବଂ ହରିଆଣା ଅଞ୍ଚଳରେ ମଧ୍ୟ ଭୂତଳ ଜଳର ପୁନଃ ପ୍ରସ୍ରବଣଠାରୁ ପ୍ରାୟ ଦଶଗୁଣ ଜଳ ଉତ୍ତୋଳିତ ହେଉଛି। ନୂଆଦିଲ୍ଲୀକୁ ଲାଗିଥିବା ଅଲଓ୍ୱର, ଗୁରୁଗ୍ରାମ ଏବଂ ଫରିଦାବାଦରେ ଭୂତଳ ଜଳ ଉପରେ ଲୋକେ ଅଧିକ ନିର୍ଭରଶୀଳ। ଯଦି ଆଗକୁ ଏହି ଅବସ୍ଥା ଜାରି ରହେ, ତେବେ ଭୂତଳ ଜଳସ୍ରୋତ ସମ୍ପୂର୍ଣ୍ଣ ଶୁଖିଯିବାକୁ ଅଧିକ ବିଳମ୍ବ ଲାଗିବ ନାହିଁ। ଭାରତ ହେଉଛି ବିଶ୍ୱର ସର୍ବାଧିକ ଭୂତଳ ଜଳ ବ୍ୟବହାରକାରୀ ଦେଶ। ପ୍ରାୟ ୬୦ କୋଟି ଲୋକ ଭୂତଳ ଜଳ ଉପରେ ନିର୍ଭରଶୀଳ। ଏହି ଜଳର ପ୍ରାୟ ୯୦ ପ୍ରତିଶତ କୃଷି ଓ ଜଳସେଚନ କ୍ଷେତ୍ରରେ ବ୍ୟବହୃତ ହୁଏ। ସମୁଦାୟ ଜଳସେଚନର ୬୨ ପ୍ରତିଶତ, ଗ୍ରାମାଞ୍ଚଳ ପାନୀୟଜଳର ୮୫ ପ୍ରତିଶତ ଓ ସହରାଞ୍ଚଳରେ ବ୍ୟବହୃତ ଜଳର ୫୦ ପ୍ରତିଶତ କେବଳ ଭୂତଳ ଜଳ ହିଁ ହୋଇଥାଏ। କୃଷି କ୍ଷେତ୍ରରେ ଏହାର ପ୍ରଭୂତ ବ୍ୟବହାର ଓ ପ୍ରଦୂଷଣ ବୃଦ୍ଧି ଯୋଗୁଁ ଜଳସ୍ତର ଅସମ୍ଭବ ଭାବରେ ନିମ୍ନଗାମୀ ହେବାରେ ଲାଗିଛି। ଏହାଦ୍ୱାରା ଜଳର ଗୁଣବତ୍ତା ଅତ୍ୟନ୍ତ ପ୍ରଭାବିତ ହୋଇଛି। ଅତ୍ୟଧିକ ବ୍ୟବହାର ଯୋଗୁଁ ଦେଶର ୪୦୦ରୁ ଅଧିକ ଜିଲ୍ଲାର ଭୂତଳ ଜଳରେ ଫ୍ଲୋରାଇଡ, ଆର୍ସେନିକ୍ ଏବଂ ନାଇଟ୍ରେଟ୍ ପରି ବିଷାକ୍ତ ତତ୍ତ୍ୱର ଉପସ୍ଥିତି ସମ୍ପର୍କରେ ଜଣାପଡ଼ିଛି। ଫଳରେ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ପାନୀୟ ଜଳ ମଧ୍ୟ ପ୍ରଦୂଷିତ ହୋଇଛି ଓ ପରିଣାମତଃ ସେଠାରେ ଗୁରୁତ୍ର ସ୍ୱାସ୍ଥ୍ୟ ସମସ୍ୟାମାନ ଦେଖାଦେଉଛି। ପ୍ରାକୃତିକ ଜଳ ଭଣ୍ଡାରଣ କ୍ଷମତା ମଧ୍ୟ ଶେଷ ହେବାକୁ ବସିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଭୂ-ସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଦେଖାଦେଉଛି। ଫଳରେ ଭିତ୍ତିଭୂମି ପ୍ରତି ମଧ୍ୟ ବିପଦ ଦେଖାଦେଇଛି। ଯମୁନା ନଦୀରେ ପ୍ରଦୂଷଣ ଯୋଗୁଁ ରାଜଧାନୀ ଦିଲ୍ଲୀର ଅଧିକାଂଶ ଅଞ୍ଚଳରେ ଭୂତଳ ଜଳ ହିଁ ଅଧିକ ବ୍ୟବହୃତ ହୁଏ। ଲୋକଙ୍କ ଆବଶ୍ୟକତା ପୂରଣ ନିମନ୍ତେ ବହୁ ପରିମାଣରେ ଭୂତଳ ଜଳ ଅବୈଧ ଉପାୟରେ ଉତ୍ତୋଳିତ ହୁଏ। ଏହାର ଭୟଙ୍କର ପରିଣାମ ସ୍ୱରୂପ ଦିଲ୍ଲୀରେ ଭୂତଳ ଜଳ ପ୍ରାୟ ପାତାଳରେ ପହଞ୍ଚିବା ସହ ଶେଷ ହେବାକୁ ବସିଛି। କେନ୍ଦ୍ର ଭୂତଳ ଜଳ ପ୍ରାଧିକରଣ ଦ୍ୱାରା ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି)ରେ ଦାଖଲ ରିପୋର୍ଟ କହୁଛି, ଗତ ୫ ବର୍ଷରେ ଏହା ୪.୫ ମିଟର ତଳକୁ ଖସିଛି। ୨୦୨୦ ମସିହା ବେଳକୁ ଦିଲ୍ଲୀ ଜନସଂଖ୍ୟା ୨ କୋଟି ଥିବାବେଳେ ଭୂପୃଷ୍ଠରୁ ୬୪.୧ ମିଟର ତଳକୁ ଜଳସ୍ତର ଥିଲା, ୨୦୨୫ ବେଳକୁ ଜନସଂଖ୍ୟା ୨.୨୩ କୋଟି ଛୁଇଁଥିବା ବେଳେ ଭୂତଳ ଜଳସ୍ତର ୬୮.୬୯ ମିଟର ତଳକୁ ଖସିଛି। ଆଜି ଏଠାରେ ଭୂତଳ ଜଳ ଦୋହନ ସ୍ଥିତି ଉଦବେଗଜନକ। ଫଳରେ ଏହା ତୀବ୍ର ବେଗରେ 'ଡେ-ଜିରୋ' (ଯୋଗାଣ ଠପ୍) ଦିଗରେ ଅଗ୍ରସର ହେଉଛି। ଏହା ହେଉଛି ବର୍ଷାଜଳ ସଞ୍ଚୟ ଓ ସଂରକ୍ଷଣ ବିଫଳତାର ପ୍ରମାଣ। ଉପଯୁକ୍ତ ବର୍ଷାଜଳ ସଞ୍ଚୟ ପ୍ରଣାଳୀ ଅଭାବରୁ ଲକ୍ଷ ଲକ୍ଷ ଲିଟର ବର୍ଷାଜଳ ତୁଚ୍ଛାକୁ ନଷ୍ଟ ହୋଇଥାଏ। ଅବଶ୍ୟ ବର୍ଷାଜଳର ଉପଯୁକ୍ତ ସ୍ଥାନ ହେଉଛି ଭୂତଳ, ମାତ୍ର ଏହାକୁ ଯୋଜନାବଦ୍ଧ ଉପାୟରେ ମାଟିତଳକୁ ପହଞ୍ଚାଇବାରେ ସରକାର କିମ୍ବା ସ୍ଥାନୀୟ ଶାସନ କଳର କୌଣସି ବିଧିବଦ୍ଧ ଯୋଜନା ହିଁ ନାହିଁ। ପରିଣାମସ୍ୱରୂପ ବିଡ଼ଲା ମନ୍ଦିର ସମୀପବର୍ତ୍ତୀ ଅଞ୍ଚଳ ହେଉ ବା ଦକ୍ଷିଣ ଦିଲ୍ଲୀ ପୁଷ୍ପ ବିହାର ଅଞ୍ଚଳ, କାପସହେଡ଼ା ଅଞ୍ଚଳ ହେଉ ଅବା ଚିଡ଼ିଆଘର ଅଞ୍ଚଳ, ନାଇଁତ ଦିଲ୍ଲୀର ଅନ୍ୟ କେଉଁ ଅଞ୍ଚଳ, ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ଭୂତଳ ଜଳସ୍ତର ୧୦ ମିଟର ତଳକୁ ଖସି ନ ଯାଇଛି ! ୨୦୧୩ରେ ନଗର ନିଗମ ନିର୍ଦ୍ଦେଶନାମା ଜାରି କରିଥିଲା, ନୂଆ ଘର ନିର୍ମାଣ ସମୟରେ ଜଳ-ଅମଳ (ୱାଟର ହାର୍ଭେଷ୍ଟିଂ) ବ୍ୟବସ୍ଥା କରିବା ଅନିବାର୍ଯ୍ୟ। ମାତ୍ର ସେ ନିର୍ଦ୍ଦେଶକୁ ମାନୁଛି କିଏ ! ଅଥଚ ଦିଲ୍ଲୀ ଜଳବୋର୍ଡ ପକ୍ଷରୁ ଏପରି ବ୍ୟବସ୍ଥା ଥିବା ଘରଗୁଡ଼ିକୁ ପାଣି ବିଲରେ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ସମ୍ପ୍ରତି ଦିଲ୍ଲୀର ବିଜେପି ସରକାର ଜଳାଭାବକୁ ଦୂର କରିବାକୁ ଅଣ୍ଟା ଭିଡ଼ିଛନ୍ତି, ବିଭିନ୍ନ ସ୍ଥାନରେ ୫୨୦ଟି ଟ୍ୟୁବୱେଲ୍ ଲଗାଇଛନ୍ତି। ରାଜଧାନୀରେ ଥିବା ୭୭ ଟି ଜଳାଶୟର ନବୀକରଣ ନିମନ୍ତେ ପ୍ରସ୍ତୁତି ଚାଲିଛି। ରାଜ୍ୟପାଳ ଜଳସଞ୍ଚୟ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ବିଡ଼ମ୍ବନା, ଏହି ଉଦ୍ୟମ ଉତ୍କଟ ଜଳାଭାବ ସମୟ ଉପନୀତ ହେବାପରେ ଯାଇ ହାତକୁ ନିଆଯାଇଛି। ସୂଚନାଯୋଗ୍ୟ ରୋହତାଶ ନଗର ବିଧାୟକ ଜିତେନ୍ଦ୍ର ମହାଜନ ଦିଲ୍ଲୀ ବିଧାନସଭାରେ ୨୦୨୫ ଅଗଷ୍ଟରେ ହିଁ ଏକଥା ଉଠାଇଛନ୍ତି। କାରଣ ଭୂତଳ ଜଳର ସୁବିନିଯୋଗ ପାଇଁ ଯେତେ ସବୁ ଯୋଜନା, ସରକାରୀ ନାଳିଫିତା ତଳେ ହିଁ ରହିଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭୂତଳ ଜଳରେ ମିଶୁଥିବା ଡ୍ରେନେଜ୍ ଏବଂ ଶିଳ୍ପସଂସ୍ଥାର ମଇଳା ସହ ମିଶି ନର୍ଦ୍ଦମାର ପାହାଡ଼ ଏବଂ ତହିଁରୁ ଉଦବୃତ୍ତ ବିଷାକ୍ତ ପଦାର୍ଥ ବୋରୱେଲ୍ ପର୍ଯ୍ୟନ୍ତ ପହଞ୍ଚି ସାରିଛି, ଫଳରେ ଭୂତଳ ଜଳ ସାଂଘାତିକ ପ୍ରଦୂଷିତ ହୋଇସାରିଛି, ତେବେ ସେ ଦିଗରେ କାହାର ଧ୍ୟାନ ଅଛି ! କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛି, ମାତ୍ର ତାହା ଯୋଜନାରେ ରୂପାନ୍ତରିତ ହୋଇ ପାରିନାହିଁ। 'ଅପର୍ ଯମୁନା ଏଗ୍ରିମେଣ୍ଟ' ଅନୁଯାୟୀ ଦିଲ୍ଲୀକୁ ବର୍ଷକ ମଧ୍ୟରେ ଯମୁନା ନଦୀରୁ ୭୨୪ (ଏମସିଏମ) ମିଲିୟନ୍ କ୍ୟୁବିକ୍ ମିଟର ଜଳ ଆବଣ୍ଟିତ ହୋଇଛି। ତନ୍ମଧ୍ୟରୁ ଯମୁନାରେ ଜୁଲାଇରୁ ଅକ୍ଟୋବର ମଧ୍ୟରେ ୫୮୦ ଏମସିଏମ ଜଳ ଉପଲବ୍ଧ ହେଉଥିବା ବେଳେ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ମାତ୍ର ୭୬ ଏମସିଏମ ଜଳ ଉପଲବ୍ଧ ହୁଏ। ୨୯୮ ଏମସିଏମ ଜଳ ନଷ୍ଟ ବି ହୁଏ। ଦିଲ୍ଲୀ ସରକାର ୨୦୧୯-୨୦ରେ ପଲ୍ଲାଠାରେ (ଯେଉଁଠି ଯମୁନା ନଦୀ ହରିଆଣା ସୀମାରୁ ଦିଲ୍ଲୀରେ ପ୍ରବେଶ କରୁଛି) ୨୬ ଏକର ଜମିରେ ଜଳାଶୟ ନିର୍ମାଣ କରି ବନ୍ୟାଜଳ ସଂରକ୍ଷଣ ଯୋଜନା ହୋଇଥିଲା। ଏହାଦ୍ୱାରା ପଲ୍ଲାଠାରୁ ନେଇ ୱଜିରାବାଦ ମଧ୍ୟରେ ପ୍ରାୟ ଏକହଜାର ଏକର ଜମିରେ ଜଳାଶୟ ନିର୍ମାଣ କରି ବନ୍ୟାଜଳ ସଂରକ୍ଷଣ ଲକ୍ଷ୍ୟ ଥିଲା। ମାତ୍ର ଏହା ମଧ୍ୟ ସରକାରୀ ନାଳିଫିତା ତଳେ ରହିଗଲା। ସୋନିଆ ବିହାରରେ ୩୦ଟି ଅତ୍ୟାଧୁନିକ କୂପ ନିର୍ମାଣ ହେଲା। ଏହାଦ୍ୱାରା ପ୍ରତିଦିନ ପ୍ରାୟ ୪୮ ମିଲିଅନ ଗ୍ୟାଲନ୍ ଜଳ ଉତ୍ପାଦନ ଲକ୍ଷ୍ୟ ଥିଲା। ତାହା ମଧ୍ୟ ଆଜି ଅବହେଳିତ ଅବସ୍ଥାରେ। ଭୂତଳ ଜଳର ଏପରି ଦୂରାବସ୍ଥା କେବଳ ରାଜଧାନୀ ଦିଲ୍ଲୀର ନୁହେଁ, ଏନସିଆରର ଅନ୍ୟ ଅଞ୍ଚଳ ଗାଜିଆବାଦ, ଫରିଦାବାଦ, ନୋଏଡ଼ା ଓ ଗୁରୁଗ୍ରାମରେ ମଧ୍ୟ ସମାନ ଅବସ୍ଥା। ଆଗାମୀ ଦିନରେ ଜୟପୁର, ଚେନ୍ନାଇ, ହାଇଦ୍ରାବାଦ ଭଳି ବଡ଼ ସହରର ଅବସ୍ଥା ମଧ୍ୟ ଏହିଭଳି ହେବ। ହେବାଟା ନିର୍ଦ୍ଧାରିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ), ବିଜ୍ଞାନ ଓ ପରିବେଶ କେନ୍ଦ୍ର (ସିଏସଇ) ଏବଂ ମିଳିତ ଜାତିସଂଘ (ୟୁଏନ୍) ବହୁ ପୂର୍ବରୁ ଏ ନେଇ ସତର୍କ ଘଣ୍ଟି ବଜାଇ ସାରିଛନ୍ତି। ଜାତୀୟ ସବୁଜ ଅଧିକରଣ (ଏନଜିଟି) ଏ ସମ୍ପର୍କରେ ଚିନ୍ତାପ୍ରକଟ କରି କହିଛନ୍ତି, ଭୂତଳ ଜଳ ସଂକଟ ଓ ଏହାର ସଂରକ୍ଷଣ ପାଇଁ ହୋଇଥିବା ନିୟମ ତୃଣମୂଳ ସ୍ତରରେ କଡ଼ାକଡ଼ି ଲାଗୁ ହେଉନାହିଁ। ଜଳ ସଂକଟର ଭୟାବହତାକୁ ହୃଦୟଙ୍ଗମ କରିବା ସରକାରଙ୍କ ସହ ନାଗରିକଙ୍କର ମଧ୍ୟ କର୍ତ୍ତବ୍ୟ ହେବା ଆବଶ୍ୟକ। ଜଳ ସଞ୍ଚୟ ଏହାର ସଂରକ୍ଷଣ ଏବଂ ସୁପରିଚାଳନା ହିଁ ଏଥିରୁ ବାହାରିବାର ଏକମାତ୍ର ଉପାୟ, ଏହା ଭିନ୍ନ ଅନ୍ୟ କୌଣସି ବାଟ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଇତିହାସ ରଚିଲେ କୋହଲି : ୧୫,୦୦୦ ରନ୍ କ୍ଲବରେ ହେଲେ ସାମିଲ



**ତିରୁବନନ୍ତପୁରମ**

ଭାରତୀୟ କ୍ରିକେଟ୍ ଟିମ୍‌ର ରନ୍ ମେସିନ ବିରାଟ କୋହଲି ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏକ ବଡ଼ ରେକର୍ଡ କରିଛନ୍ତି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆଜି ସ୍ଥାନୀୟ ଗ୍ରିନ୍‌ଫିଲ୍ଡ ଷ୍ଟାଡିୟମରେ ନିଜ କ୍ୟାରିୟରର ୧୫,୦୦୦ ରନ୍ ପୂରଣ କରିଛନ୍ତି। ଏଥି ସହିତ ଅନେକ ରେକର୍ଡ ଭାଙ୍ଗିଦେଇଛନ୍ତି।

ଦିନିକିଆ କ୍ରିକେଟ୍‌ର ଇତିହାସରେ ୧୫,୦୦୦ ରନ୍ କରିପାରିଥିବା ବିରାଟ କୋହଲି ବିଶ୍ୱର ଦ୍ୱିତୀୟ ବ୍ୟାଟର ହୋଇପାରିଛନ୍ତି। ତାଙ୍କର ପୂର୍ବରୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର କେବଳ ଏହି ଉପଲବ୍ଧି ହାସଲ କରିଥିଲେ। ଏଥି ସହିତ ବିରାଟ କୋହଲି ଶତକ ହାସଲ କରିଛନ୍ତି।

ସଚିନ ତେନ୍ଦୁଲକର (ଭାରତ) : ୧୮,୪୨୬ ରନ୍ (୪୬୩ ମ୍ୟାଚ୍)। ବିରାଟ କୋହଲି (ଭାରତ): ୧୫,୦୦୦+ ରନ୍ (୩୧୪+ ମ୍ୟାଚ୍)। କୁମାର ସଂଗାକାରା (ଶ୍ରୀଲଙ୍କା) ୧୪,୨୩୪ ରନ୍। ରିକି ପଣ୍ଟିଂ (ଅଷ୍ଟ୍ରେଲିଆ): ୧୩,୭୦୪ ରନ୍। ସନତ ଜୟସୁରିଆ (ଶ୍ରୀଲଙ୍କା): ୧୩,୪୩୦।

# ୱେଷ୍ଟଇଣ୍ଡିଜକୁ ୮ ୱିକେଟରେ ହରାଇଲା ଭାରତ

**ତିରୁବନନ୍ତପୁରମ**

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ କ୍ରିକେଟ୍ ଟିମ୍‌ର ଖେଳାଳିମାନେ ରବିବାର ଧମାକା କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମୁକାବିଲାରେ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛନ୍ତି। ତିରୁବନନ୍ତପୁରମସ୍ଥିତ ଗ୍ରିନଫିଲ୍ଡ ଷ୍ଟାଡିୟମରେ ଭାରତ ୨୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୪୧.୪ ଓଭରରେ ୨ ୱିକେଟ୍ ହରାଇ ୩୦୦ ରନ୍ ସଂଗ୍ରହ କରିଛି। ଏହି ବିଜୟ ସହିତ ଭାରତ ଶୃଙ୍ଖଳାର ୧-୦ରେ ଅଗ୍ରଣୀ ହାସଲ କରିଛି।

ଭାରତ ପାଇଁ ରୋହିତ ଶର୍ମା ଏବଂ ଅଧିନାୟକ ଶୁଭମନ ଗିଲ୍ ପ୍ରାରମ୍ଭିକ ବ୍ୟାଟିଂ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୭୪ ରନ୍‌ର ଭାଗିଦାରୀ କରିଥିଲେ। ଏଥିରେ ରୋହିତ ଶର୍ମାଙ୍କ ବ୍ୟକ୍ତିଗତ ସ୍କୋର ଥିଲା ୩୨ ରନ୍। ଗିଲ୍ ଆଉଟ୍ ହେବା ପୂର୍ବରୁ ୧୧୦ ରନ୍ ସଂଗ୍ରହ କରିଥିଲେ। ସେ ୧୦୮ଟି ବଲ୍ ଖେଳି ୧୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

ଏହି ମ୍ୟାଚ୍‌ରେ ବିରାଟ କୋହଲି ଶତକ ହାସଲ କରିଛନ୍ତି। ସେ ଅପରାଜିତ ରହି ୧୩୯ ରନ୍ ସଂଗ୍ରହ କରିଛନ୍ତି। କୋହଲି ୮୮ଟି ବଲ୍ ଖେଳି ୧୦ଟି ଚୌକା ଏବଂ ୯ଟି ଛକା ମାରିଛନ୍ତି। କେବଳ ଏତିକି ନୁହେଁ କୋହଲି ରବିବାର ଦିନିକିଆ



ଅନ୍ତର୍ଜାତୀୟରେ ୧୫,୦୦୦ ରନ୍ ଅତିକ୍ରମ କରିଛନ୍ତି। ଯୁବ ବ୍ୟାଟର ଋତୁରାଜ ଗାଏକ୍ୱାର୍ଡ ୧୯ଟି ବଲ୍ ଖେଳି ଅପରାଜିତ ୧୩ ରନ୍ କରିଛନ୍ତି।

ମୁକାବିଲାରେ ଟସ୍ ଜିଣି ଭାରତୀୟ ଟିମ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୫ ରନ୍ ସଂଗ୍ରହ କରିଥିଲା। ଭାରତ ପାଇଁ କୁଲଦୀପ ଯାଦବ ଚମତ୍କାର ପ୍ରଦର୍ଶନ କରିଥିଲେ। ୱେଷ୍ଟଇଣ୍ଡିଜର ୪ଜଣ ଖେଳାଳିଙ୍କୁ ସେ ପାଭିଲିଅନ ଫେରାଇଥିଲେ।

ୱେଷ୍ଟଇଣ୍ଡିଜ୍ ପାଇଁ ଜନ୍ କ୍ୟାମ୍ପବେଲ ଏବଂ ଜଷ୍ଟିନ୍ ଗ୍ରେଭ୍‌ସ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ଯଥାକ୍ରମେ ଅର୍ଦ୍ଧଶତକ ଏବଂ ଶତକ ହାସଲ କରିଥିଲେ। ବ୍ୟକ୍ତିଗତ ଭାବେ ଜଷ୍ଟିନ୍ ୧୦୮ଟି ବଲ୍ ଖେଳି ୧୨ଟି ଚୌକା ସହାୟତାରେ ୧୦୧ ରନ୍ ସଂଗ୍ରହ କରିଥିଲେ। ସେହିପରି ଜନ୍ ୬୦ଟି ବଲ୍ ଖେଳି ୬୨ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୩ଟି ଛକା ସାମିଲ କରିପାରିଥିଲେ। ଅମିର ଜାଙ୍ଗୋ ଅର୍ଦ୍ଧଶତକ ହାସଲ କରିଥିଲେ।

ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ମଜବୁତ ଥିଲା। ୧୯.୧ ଓଭରରେ ସ୍କୋର ୧୩୫ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍ ବେଳକୁ ଅତିଥି ଦଳର ସ୍କୋର ୧୭୬ ରନ୍‌ରେ ପହଞ୍ଚି ସାରିଥିଲା। ଏହା ପରେ ଦଳର ଖେଳାଳିମାନେ କ୍ରିଜ୍ ଅଧିକ ସମୟ ରହିବାକୁ ଅସମର୍ଥ ହୋଇଥିଲେ। କେଆସି କାର୍ଟି ୧୩, ସାଇ ହୋପ୍ ୧୨ ରନ୍, ରୋଷ୍ଟନ୍ ଚେଜ୍ ୨୪ ରନ୍, ମ୍ୟାଥ୍ୟୁ ଫୋର୍ଡେ ୭ ରନ୍ ସଂଗ୍ରହ କରି ଆଉଟ ହୋଇଥିଲେ। ଜେଡ୍‌ୱେଲ୍ ଆଣ୍ଡ୍ରୁ ଶୂନ୍ୟ ଖାତା ଖୋଲିପାରି ନଥିଲେ। ଭାରତ ପାଇଁ କୁଲଦୀପ ଯାଦବ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ପ୍ରସିଦ୍ଧ କୃଷ୍ଣା ୨ଟି ଏବଂ ନିଶିତ କୁମାର ରେଡ୍ଡୀ ଗୋଟିଏ ୱିକେଟ୍ ନେଇଥିଲେ।

# ଜାତୀୟ ବ୍ୟାଡ୍‌ମିଣ୍ଟନ ଡବଲ୍ସ ପ୍ରତିଯୋଗିତାରେ ଓଡ଼ିଶାକୁ ବ୍ରୋଞ୍ଜ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ବ୍ୟାଡମିଣ୍ଟନ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଚାଲିଥିବା ଏକ ଜାତୀୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଡବଲ୍ସ କ୍ୟାଟେଗୋରୀରେ ଓଡ଼ିଶାର ଆୟୁଷ ପଟ୍ଟନାୟକ ଏବଂ ଅବିନାଶ ମହାନ୍ତିଙ୍କ ଯୋଡ଼ି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତାରେ ତାଙ୍କୁ ବ୍ରୋଞ୍ଜ ପଦକ ପ୍ରାପ୍ତ ହୋଇଛି। ୨୧ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି, ଯାହା ସେପ୍ଟେମ୍ବର ୨୮ ତାରିଖ ଯାଏ ଚାଲିବ। ଏହି ଯୋଡ଼ି ପୂର୍ବରୁ ଆନ୍ତର୍ଜାତିକ ସ୍ତରର ମ୍ୟାଚ୍ ଖେଳି ଭିନ୍ନ ଭିନ୍ନ ଦେଶରେ ତିନୋଟି ପଦକ ଲାଭ କରିଛନ୍ତି।

# ଏସୀୟ କ୍ରୀଡ଼ା : ସିଙ୍ଗାପୁରକୁ ହରାଇ ସେମିରେ ସ୍ଥାନ ପକ୍କା କଲା ଭାରତୀୟ ମହିଳା ହକି ଦଳ

**କାକାମିଗାହାରା**

ସୁନେଲିତା ଟପ୍ପୋଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ୭-୦ ଗୋଲରେ ସିଙ୍ଗାପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ପାଇଁ ଅଧିନାୟିକା ସାଲିମା ଟେଟେ (୧୭ତମ ମିନିଟ୍), ସୁନେଲିତା (୨୨ତମ ଓ ୨୪ତମ), ଲାଲରେମସିଆମି (୨୭ତମ), ଋତୁଜା ପିସାଲ (୨୯ତମ), ନିକି ପ୍ରଧାନ (୩୫ତମ) ଓ ଦୀପିକା (୫୫ତମ) ଗୋଲ କରିଥିଲେ। ୫ ମ୍ୟାଚ୍‌ରେ ପଞ୍ଚମ ବିଜୟ ସହ ଏସୀୟ କ୍ରୀଡ଼ାରେ ଭାରତ ପୁଲ-ବି'ରେ ଟପ୍‌ରେ ରହିଛି। ବୁଧବାର ସେମିଫାଇନାଲରେ ଦକ୍ଷିଣ କୋରିଆକୁ ଭାରତ ଭେଟିବ। ସେହିଭଳି ଡିଫେଣ୍ଡିଂ ଚାମ୍ପିୟନ ଓ ଅଲିମ୍ପିକ୍ ସିଲଭର ମେଡାଲିଷ୍ଟ ଚାଇନା ଅନ୍ୟ ସେମିଫାଇନାଲରେ ଆୟୋଜକ ଜାପାନକୁ ଭେଟିବ।

# ଏସୀୟ କ୍ରୀଡ଼ା ଲଙ୍ଗ୍‌ଜମ୍ପ୍ ଓ ୪୦୦ ମିଟର ବାଧାଦୌଡ଼ ଫାଇନାଲ୍‌ରେ ୫ ଭାରତୀୟ

**ନାଗୋୟା**

ଚଳିତ ଏସୀୟ କ୍ରୀଡ଼ା ଲଙ୍ଗ୍‌ଜମ୍ପ୍ ଏବଂ ୪୦୦ ମିଟର ବାଧାଦୌଡ଼ର ଫାଇନାଲ୍‌ରେ ମୋଟ ୫ ଭାରତୀୟ ଆଥଲେଟ୍ ପ୍ରବେଶ କରିଛନ୍ତି। ପୁରୁଷ ଲଙ୍ଗ୍‌ଜମ୍ପ୍ ଯୋଗ୍ୟତା ପର୍ଯ୍ୟାୟରେ ମୁରଲୀ ଶ୍ରୀଶଙ୍କର ୭.୮୪ ମିଟର ସହ ଦ୍ୱିତୀୟ ସ୍ଥାନରେ ଏବଂ ଡେଭିଡ୍ ପଟ୍ଟରାଜ ୭.୬୨ ମିଟର ସହ ସପ୍ତମ ସ୍ଥାନରେ ରହି ପଦକ ଦୌଡ଼ରେ ସାମିଲ ହୋଇଛନ୍ତି।

ସେହିଭଳି ପୁରୁଷ ୪୦୦ ମିଟର ବାଧାଦୌଡ଼ରେ ସନ୍ତୋଷ ତାମିଲରାସନ ୪୯.୬୧ ସେକେଣ୍ଡ ସହ ନିଜ ହିଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ତେବେ ଯଶାସ ପଲାକ୍ଷ ପ୍ରଥମ ହର୍ଡଲ ପାର କରି ନପାରି ବିଦାୟ ନେଇଥିଲେ। ମହିଳାରେ ବିଥ୍ୟା ରାମରାଜ ଓ ଅନୁ ରାଘବନ ଯଥାକ୍ରମେ ୫୫.୭୩ ଓ ୫୫.୮୪ ସେକେଣ୍ଡ ସହ ନିଜ ନିଜ ହିଟ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ତେବେ ମହିଳା ୨୦ କିଲୋମିଟର ରେସ୍ ୱାକ୍‌ରେ ମଞ୍ଜୁ ରାଣୀ (୧:୪୦:୧୭ ସେକେଣ୍ଡ) ଷଷ୍ଠ ସ୍ଥାନରେ ଏବଂ ପ୍ରିୟଙ୍କା ଅଯୋଗ୍ୟ ହୋଇ ପଦକ ଜିତିବାରେ ବିଫଳ ହୋଇଛନ୍ତି।

## ଓଡ଼ିଶା ଟି-୨୦ ଲିଗ୍—ସିଏମ୍ ଟ୍ରଫି

# ଭୁବନେଶ୍ୱର ଟାଇଗର୍ସଙ୍କୁ ୩ ୱିକେଟ୍‌ରେ ହରାଇଲା ରାଉରକେଲା ସୁପରଷ୍ଟାର୍ସ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍—ସିଏମ୍ ଟ୍ରଫିରେ ରାଉରକେଲା ସୁପରଷ୍ଟାର୍ସ ରୋମାଞ୍ଚକର ଭାବେ ଭୁବନେଶ୍ୱର ଟାଇଗର୍ସଙ୍କୁ ୩ ୱିକେଟ୍ ?ରେ ପରାସ୍ତ କରିଛି। ଚାପପୂର୍ଣ୍ଣ ପରିସ୍ଥିତିରେ ଅଭିଷେକ ଯାଦବଙ୍କ ଅପରାଜିତ ୬୧ ରନ୍‌ର ଦମ୍‌ଦାର ଇନିଂସ ରାଉରକେଲାକୁ ବିଜୟ ଦେଇଛି। ଟସ୍ ପରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଟାଇଗର୍ସ ଆରମ୍ଭରୁ ହିଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୨୦ ରନ୍‌ରେ ଦଳ ୨ଟି ୱିକେଟ୍ ହରାଇଥିଲା। ଏହି ସମୟରେ ସମ୍ବିତ ବେଜା ଓ ଶ୍ରେୟାଂଶ ଭାରଦ୍ୱାଜ ଦାୟିତ୍ୱବାନ ବ୍ୟାଟିଂ କରି ଦଳର ଇନିଂସକୁ ସମ୍ଭାଳିଥିଲେ। ଉଭୟେ ତୃତୀୟ ୱିକେଟ୍ ପାଇଁ ୫୦ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ସମ୍ବିତ ବେଜା ୧୯ଟି ବଲ୍‌ରୁ ୨୫ ରନ୍ କରିଥିବା ବେଳେ ଶ୍ରେୟାଂଶ ଭାରଦ୍ୱାଜ ୨୮ଟି ବଲ୍‌ରୁ ୩୯ ରନ୍ କରିଥିଲେ। ତେବେ ରାଉରକେଲା ବୋଲରମାନେ ନିୟମିତ ବ୍ୟବଧାନରେ ୱିକେଟ୍ ହାସଲ କରି ଭୁବନେଶ୍ୱରକୁ ବଡ଼ ଭାଗୀଦାରି ଗଢ଼ିବାର ସୁଯୋଗ ଦେଇନଥିଲେ। ଅନ୍ୟପଟେ ରୁଦ୍ର ପ୍ରସାଦ ମଲ୍ଲିକ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳର ସ୍କୋରକୁ ଆଗକୁ ବଢ଼ାଇଥିଲେ। ସେ ୩୫ଟି ବଲ୍‌ରୁ ୪୭ ରନ୍‌ର ଉପଯୋଗୀ ଇନିଂସ ଖେଳିବାରୁ ଭୁବନେଶ୍ୱର ଟାଇଗର୍ସ ୧୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।




ରାଉରକେଲା ପକ୍ଷରୁ ପାପୁ ରାୟ ଚମତ୍କାର ବୋଲିଂ କରି ୪ ଓଭରରେ ୨୦ ରନ୍ ଦେଇ ୨ଟି ୱିକେଟ୍ ହାସଲ କରିଥିଲେ। ୧୫୦ ରନ୍‌ର ବିଜୟଲକ୍ଷ୍ୟର ପିଛା କରି ରାଉରକେଲା ସୁପରଷ୍ଟାର୍ସ ମଧ୍ୟ ଆରମ୍ଭରୁ ଚାପରେ ପଡ଼ିଥିଲା। ମାତ୍ର ୮ ଓଭର ମଧ୍ୟରେ ଦଳ ୪୯ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। ନିୟମିତ ବ୍ୟବଧାନରେ ୱିକେଟ୍ ପଡୁଥିବାରୁ ମ୍ୟାଚ୍‌ର ରୋମାଞ୍ଚ ଚରମ ସୀମାରେ ପହଞ୍ଚିଥିଲା। ଏହି ସମୟରେ ଅଭିଷେକ ଯାଦବ ଦଳର ଇନିଂସର ମଙ୍ଗ ଧରିଥିଲେ। ଚାପକୁ ଖାତିର ନକରି ସେ ଧୈର୍ଯ୍ୟର ସହ ବ୍ୟାଟିଂ କରି ରନ୍ ସଂଗ୍ରହ ଜାରି ରଖିଥିଲେ। ଅଭିଷେକ ୩୮ଟି ବଲ୍‌ରୁ ଅପରାଜିତ ୬୧ ରନ୍ କରି ଦଳକୁ ବିଜୟ ଲକ୍ଷ୍ୟ ନିକଟରେ ପହଞ୍ଚାଇ ଥିଲେ। ଶେଷରେ ତାଙ୍କ ଦୃଢ଼ ବ୍ୟାଟିଂ ବଳରେ ରାଉରକେଲା ୩ ୱିକେଟ୍‌ରେ ରୋମାଞ୍ଚକର ବିଜୟ ହାସଲ କରିଥିଲା। ମ୍ୟାଚ୍ ପରେ ଅଭିଷେକ କହିଥିଲେ, "ଦଳର ବିଜୟରେ ଯୋଗଦାନ ଦେଇପାରିଥିବାରୁ ବହୁତ ଖୁସି।ବିଶେଷକରି ଆମେ ଆରମ୍ଭରୁ କିଛି ୱିକେଟ୍ ହରାଇଥିବାରୁ ପରିସ୍ଥିତି କଷ୍ଟକର ଥିଲା। ମୋର ଲକ୍ଷ୍ୟ ଥିଲା କ୍ରିଜ୍‌ରେ ରହିବା, ଇନିଂସକୁ ସମ୍ଭାଳିବା ଏବଂ ମ୍ୟାଚ୍‌କୁ ଯଥାସମ୍ଭବ ଶେଷ ପର୍ଯ୍ୟନ୍ତ ନେଇଯିବା। ଦଳକୁ ଯେତେବେଳେ ରନ୍‌ର ଆବଶ୍ୟକତା ଥିଲା, ସେତେବେଳେ ରନ୍ କରି ଦଳକୁ ବିଜୟୀ କରାଇପାରିଥିବାରୁ ଖୁସି।" ଅଭିଷେକ ଯାଦବଙ୍କୁ 'ଡାଇନାମିକ୍ ଷ୍ଟ୍ରାଇକର ଅଫ୍ ଦି ମ୍ୟାଚ୍' ପୁରସ୍କାର ଭୁବନେଶ୍ୱର ଟାଇଗର୍ସର ପ୍ରତିନିଧି ପୁଣ୍ୟ ପ୍ରକାଶ ପରିଡ଼ା ପ୍ରଦାନ କରିଥିବା ବେଳେ 'ପ୍ଲେୟର ଅଫ୍ ଦି ମ୍ୟାଚ୍' ପୁରସ୍କାର ଭାରତ ମସଲାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଅରୁଣ ନାୟକ ପ୍ରଦାନ କରିଥିଲେ। ସେହିପରି ପାପୁ ରାୟଙ୍କୁ 'ମୋମେଣ୍ଟ ଅଫ୍ ଦି ମ୍ୟାଚ୍' ପୁରସ୍କାର ଭିମଲ ଏଲାଇଚିର ପ୍ରତିନିଧି ଲୁଭ୍ ମଲିକ୍ ପ୍ରଦାନ କରିଥିଲେ।

## ଓଡ଼ିଶା ଟି-୨୦ ଲିଗ୍‌ର ପ୍ଲେଅଫ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ

# ସେପ୍ଟେମ୍ବର ୨୯ରେ କ୍ୱାଲିଫାୟର, ୩୦ରେ ଫାଇନାଲ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ପାଣିପାଗ ପରିସ୍ଥିତି ଏବଂ ଗତ କିଛି ଦିନ ଧରି ମ୍ୟାଚ୍‌ଗୁଡ଼ିକର ଅଗ୍ରଗତିକୁ ଦୃଷ୍ଟିରେ ରଖି ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍—ସିଏମ୍ ଟ୍ରଫିର ପ୍ଲେଅଫ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଲିଗ୍ ପରିଚାଳନା ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ଲେଅଫ୍‌ର କ୍ୱାଲିଫାୟର ମ୍ୟାଚ୍‌ରେ ପଏଣ୍ଟ ଟେବୁଲ୍‌ର ଦ୍ୱିତୀୟ ସ୍ଥାନରେ ଥିବା ଦଳ ଓ ତୃତୀୟ ସ୍ଥାନରେ ଥିବା ଦଳ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ସେପ୍ଟେମ୍ବର ୨୯ ତାରିଖ ରାତି ୭ଟା ୩୦ ମିନିଟ୍‌ରେ ଖେଳାଯିବ। ଏହାପରେ ଟୁର୍ଣ୍ଣାମେଣ୍ଟର ବହୁ ପ୍ରତୀକ୍ଷିତ ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୩୦ ତାରିଖ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ସହ ଚଳିତ ଓଡ଼ିଶା ଟି-୨୦ ଲିଗ୍—ସିଏମ୍ ଟ୍ରଫିର ଚାମ୍ପିଅନ୍ ନିର୍ଣ୍ଣୟ ହେବ। ସେହିପରି, ସେପ୍ଟେମ୍ବର ୨୯ ତାରିଖ ଦିନ ଅପରାହ୍ଣ ୨ଟାରେ ଏକ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଆୟୋଜିତ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସିନିୟର ମହିଳା କ୍ରିକେଟରମାନଙ୍କୁ ନେଇ ଏହି ମ୍ୟାଚ୍ ଖେଳାଯିବ। ଓସିଏ ସିନିୟର ମହିଳା ଦଳର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ଦିନଟିର ନିର୍ଦ୍ଧାରିତ କ୍ରିକେଟ୍ କାର୍ଯ୍ୟକ୍ରମର ଅଂଶ ଭାବେ ଏହି ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ ହେବ। ପାଣିପାଗ ସ୍ଥିତି ଓ ମ୍ୟାଚ୍‌ଗୁଡ଼ିକର ଅଗ୍ରଗତିକୁ ନଜରରେ ରଖି ପ୍ଲେଅଫ୍ ତାରିଖରେ ଏହି ପରିବର୍ତ୍ତନ କରାଯାଇଥିବା ଲିଗ୍ ପରିଚାଳନା ପକ୍ଷରୁ ସୂଚନା ଦିଆଯାଇଛି।

## ସାହାଣୀ କପ୍ ଫୁଟବଲ୍‌ର ପଞ୍ଚମ ଦିନ

# ପ୍ରଥମ ମ୍ୟାଚ୍‌ରେ କଟକ ଦଳର ବିପୁଳ ବିଜୟ, ଦ୍ୱିତୀୟ ମ୍ୟାଚ୍ ଗଞ୍ଜାମ-ନୟାଗଡ଼ ଡ୍ର'

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୬୫ତମ ସାହାଣୀ କପ୍ ଫୁଟବଲ ଲିଗ୍ ପଞ୍ଚମ ଦିବସର ପ୍ରଥମ ମ୍ୟାଚ୍ କଟକ ଓ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ଦଳ ୧୩-୦ ଗୋଲରେ ବିଜୟୀ ହୋଇଥିବା ବେଳେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିବା ୧୦ନମ୍ବର ଜର୍ସି ଦୀନବନ୍ଧୁ ଦାସ (କଟକ) ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି କଟକର ୧୯ ନମ୍ବର ଜର୍ସି ପିଣ୍ଟୁ ଶାନ୍ତା ମଧ୍ୟ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଏହି ଖେଳକୁ ମୁଖ୍ୟ ଅତିଥି ଭାବେ ବୀରମହାରାଜ-ପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଇଂ ରଘୁନାଥ ଜଗଦଲା, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଭାରତୀ ଷ୍ଟେଟ୍ ବ୍ୟାଙ୍କ୍‌ର ଚିଫ୍ ମ୍ୟାନେଜର ଲକ୍ଷ୍ମଣ ମାଝୀ, ଦିଲ୍ଲୀ ବିଜୟା ବ୍ୟାଙ୍କ ପ୍ରାକ୍ତନ




ଏଜିଏମ୍ ପିତାମ୍ବର ସାମନ୍ତରାୟ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅଶ୍ୱିନୀ କୁମାର ସାହୁ ମୁଖ୍ୟ ରେଫରି ଓ ନିତେଶ ମାଝୀ, ଅନିଲ୍ ଭୋଇ, ସୁମିତ ମହାଲିଙ୍ଗ, ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ନବୀନ ନାଏକ ଖେଳ ପରିଚାଳନା କରିଥିଲେ। ଫାଓର ଅଫିସିଆଲ୍ ଭାବରେ ଅମରେନ୍ଦ୍ର ସିଂ ଓ ରମେଶ ଚନ୍ଦ୍ର ମଲ୍ଲିକ, ପଡ଼ିଆରେ ଉପସ୍ଥିତ ରହି ନିଜ ଦାୟିତ୍ୱ ବହନ କରିଥିଲେ। କଟକ ଦଳର ୧୮ ନମ୍ବର ଜର୍ସି ବିଜୟ ବେହେରା, ୧୩ ନମ୍ବର ଜର୍ସି ବାବୁଲୁ ସିଂ ଓ ୮ନମ୍ବର ଜର୍ସି କ୍ରିଷ୍ଣା ବେହେରା ଗୋଟାଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ୭ ନମ୍ବର ଜର୍ସି ଗଣେଶ ସେଠୀ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ଗଞ୍ଜାମ ଓ ନୟାଗଡ଼ ଦଳର ରବିବାରର ଦ୍ୱିତୀୟ ମ୍ୟାଚ୍ ଅମୀମାଂସିତ ରହିଥିବା ବେଳେ ଉଭୟ ଦଳକୁ ଗୋଟାଏ ଲେଖାଏଁ ପଏଣ୍ଟ ଦିଆଯାଇଛି। ଉକ୍ତ ମ୍ୟାଚ୍‌କୁ ଜିତେନ୍ଦ୍ର ଥନାପତି, ରତ୍ନାକର ସୋରେନ୍, ଧନେଶ୍ୱର ସର୍ଦ୍ଦାର, ଚତୁର୍ଥ ରେଫରି ଭାବେ ସୁମିତ୍ ମହାଲିଙ୍ଗ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ନୟାଗଡ଼ ଦଳର ଗୋଲ କିପର ଅନୁପମ ବରାଡ଼ ପୁରସ୍କୃତ ହୋଇଥିଲେ। ସଭାକୁ କ୍ରୀଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ସାହୁ, ଓ ଦିଗାମ୍ବର ଶତପଥୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ବିକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ହରଜିନ୍ଦର ନବମ : ଭାରୋତ୍ତୋଳନରୁ ଗୋଟିଏ ରୌପ୍ୟ ସହ ଫେରିଲା ଭାରତ

**ନାଗୋୟା**

ଚଳିତ ଏସୀୟ କ୍ରୀଡ଼ାରେ କେବଳ ଗୋଟିଏ ରୌପ୍ୟ ପଦକ ସହ ଭାରତର ଭାରୋତ୍ତୋଳନ ଅଭିଯାନ ଶେଷ ହୋଇଛି। ରବିବାର ମହିଳା ୬୯ କିଲୋଗ୍ରାମରେ ହରଜିନ୍ଦର କୌର ନବମ ସ୍ଥାନରେ ରହି ପଦକରୁ ବଞ୍ଚିତ ରହିଥିଲେ। ୨୯ ବର୍ଷୀୟା ଏହି ୨ଥରର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟିନୀ ୯୪ କିଲୋଗ୍ରାମ୍ ସ୍ନାଚ୍ ଏବଂ ୧୧୦ କିଲୋଗ୍ରାମ କ୍ଲିନ୍ ଆଣ୍ଡ ଜର୍କ ସହ ମୋଟ ୨୦୪ କିଲୋଗ୍ରାମ ଭାର ଉଠାଇ ଦଶଜଣିଆ ଫାଇନାଲ୍‌ରେ ଶେଷ ଆଡୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।

ଏହି ପଞ୍ଜାବ ଭାରୋତ୍ତୋଳିକା ୩ ସ୍ନାଚ୍‌ରେ ୨ ଥର ବିଫଳ ହୋଇଥିଲେ। ତେବେ ୨ ଥରର ବିଶ୍ୱ ବିଜେତା ଉତ୍ତର କୋରିଆର ସଙ୍ଗ କୁକ୍-ହ୍ୟାଙ୍ଗ ୧୨୧ କେଜି ସ୍ନାଚ୍, ୧୫୨ କେଜି କ୍ଲିନ୍ ଆଣ୍ଡ ଜର୍କ ସହ ମୋଟ ୨୭୩ କେଜି ଉଠାଇ ୩ଟି ଯାକ ବର୍ଗରେ ବିଶ୍ୱ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚାଇନିଜ୍ ତାଇପେର ୱେନ୍-ହୁଇ ଚେନ୍ ୨୩୨ କେଜି (୧୦୬+୧୨୬) ଏବଂ ବାହରିନ୍‌ର ଇନ୍‌ଗ୍ରିଡ୍ ଗୁଏସୋ ୨୨୯ କେଜି (୧୦୧+୧୨୮)



ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ। ଚଳିତ ଏସୀୟ କ୍ରୀଡ଼ା ଭାରୋତ୍ତୋଳନରେ ଭାରତର ମୀରାବାଇ ଚାନୁ ମହିଳା ୪୯ କେଜିରେ କେବଳ ରୌପ୍ୟ ପଦକ ପାଇଥିଲେ।

# ସ୍କ୍ୱାସ୍‌ରେ ଅଭୟ, ଅନାହତଙ୍କୁ ରୌପ୍ୟ

**ନାଗୋୟା**

ଚଳିତ ଏସୀୟ କ୍ରୀଡ଼ାରେ ରବିବାର ସ୍କ୍ୱାସ୍ ଇଭେଣ୍ଟ୍‌ରୁ ୨ଟି ରୌପ୍ୟ ପଦକ ଆସିଛି। ପୁରୁଷ ଓ ମହିଳା ଏକକ ଫାଇନାଲ୍‌ରେ ପହଞ୍ଚିଥିବା ଦୁଇ ଭାରତୀୟ ଅଭୟ ଅଭୟ ସିଂହ ଓ ଅନାହତ ସିଂହ ରବିବାର ନିଜ ନିଜ ମ୍ୟାଚ୍ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଅଭୟ ୯-୧୧, ୫-୧୧, ୫-୧୧ରେ ମାଲେସିଆର ଏନ୍‌ଜି ଇଆନ୍



ୟୋଙ୍କଠୁ ପରାସ୍ତ ହୋଇଛନ୍ତି।

ଫାଇନାଲ୍‌ରେ ପହଞ୍ଚିବା ପର୍ଯ୍ୟନ୍ତ ଗୋଟିଏ ବି ଗେମ୍ ହାରି ନଥିବା ଅଭୟ ସୋମବାର ଗତ ସଂସ୍କରଣ ବିଜେତାଙ୍କୁ ପ୍ରଥମ ଗେମ୍‌ରେ କଡ଼ା ଟକ୍କର ଦେଇଥିଲେ। ହେଲେ ବିଶ୍ୱର ୧୮ ନମ୍ବର ମାଲେସିଆ ଖେଳାଳି ପ୍ରଥମ ଗେମ୍‌କୁ ୧୧-୯ରେ ଜିତି ନେଇଥିଲେ। ଦ୍ୱିତୀୟ ଓ ତୃତୀୟ ଗେମ୍‌ରେ ବିଶ୍ୱର ୨୬ ନମ୍ବର ଅଭୟ ସମାନ ୫-୧୧ ବ୍ୟବଧାନରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ଏବଂ ୟୋ ନିଜ ସ୍ୱର୍ଣ୍ଣ ବଜାୟ ରଖିଥିଲେ। ପାକିସ୍ତାନର ନୁର ଜାମନ କାଂସ୍ୟ ପାଇଥିଲେ। ଅନ୍ୟପକ୍ଷରେ ଅନାହତ ୪-୧୧, ୪-୧୧, ୭-୧୧ରେ ମାଲେସିଆର ଶିବାସଙ୍ଗାରି ସୁବ୍ରମଣ୍ୟମଙ୍କଠୁ ପରାଜିତ ହୋଇଥିଲେ। ଜାପାନର ସାତୋମି ୱାତାନାବେ କାଂସ୍ୟ ପାଇଥିଲେ।

# ବରଗଡ଼ ଜିଲ୍ଲା ଟାଇକୋଣ୍ଡୋ ଆସୋସିଏସନ ତରଫରୁ ୧୫ତମ କଲର ବେଲ୍ଟ ପ୍ରମୋସନ ଟେଷ୍ଟ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଟାଇକୋଣ୍ଡୋ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ କଲର ବେଲ୍ଟ ପ୍ରମୋସନ କାର୍ଯ୍ୟକ୍ରମ ଜିଲ୍ଲା ଟାଇକାଣ୍ଡୋ ଆସୋସିଏସନ ତରଫରୁ ସମ୍ପାଦକ ବିଜୟ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାପତି ନବକିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଟାଇକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ




ଟାଇକୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ଯୋଗଦେଇ କଲର ବେଲ୍ଟ ଟେଷ୍ଟର ପରୀକ୍ଷା ତଥା ଛାତ୍ରଛାତ୍ରୀଙ୍କ କାର୍ଯ୍ୟଦକ୍ଷତାର ଜ୍ୱଳନ୍ତ ଟେଷ୍ଟ ନେବା ସହ ପଚାଶ ଜଣଙ୍କୁ କଲର ବେଲ୍ଟ ସହ ଜଣକୁ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଥିବା ବେଳେ ଉପସଭାପତି ଆଇନଜୀବୀ ଆଶୁତୋଷ ରଥ ମଞ୍ଚ ପରିଚାଳନା କରିଥିଲେ ଏବଂ କୋଷାଧ୍ୟକ୍ଷ ଶ୍ରୀୟା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତେ କିଭଳି ସୁସ୍ଥ ଏବଂ ନିରୋଗୀ ରହିବେ ଶୃଙ୍ଖଳା ଏବଂ ଆତ୍ମନିର୍ଭର ଶିଳ ହୋଇ ପାରିବେ। ଏଥିସହ ଟାଇକୋଣ୍ଡୋର ଶୈଳୀ ସହ ଆତ୍ମସୁରକ୍ଷା କରିବାର ତାଲିମ ପ୍ରଦାନ କରାଯାଇଥାଏ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଭଞ୍ଜ ତାଙ୍କ ବକ୍ତବ୍ୟରେ କହିଥିଲେ।

# ସେବା ସଂକଳ୍ପ ଅଭିଯାନ–୨୦୨୬ ଓ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସୁନ୍ଦରଗଡ଼ରେ 'ଓଡ଼ିଶା ପ୍ରୋମୋ ରନ୍'

**ରାଉରକେଲା, ନ୍ୟୁଜ୍**

ସୁନ୍ଦରଗଡ଼ ଜିଲ୍ଲାରେ ଗତ ୨୭ ତାରିଖରେ 'ସେବା ସଂକଳ୍ପ ଅଭିଯାନ–୨୦୨୬' ଏବଂ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ପକ୍ଷରୁ ସୁନ୍ଦରଗଡ଼ ଠାରେ 'ଓଡ଼ିଶା ପ୍ରୋମୋ ରନ୍' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନସାଧାରଣ ଉତ୍ସାହର ସହ ଏହି ଦୌଡ଼ରେ ସାମିଲ ହୋଇଥିଲେ।

ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନ ସମ୍ଭାର, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ସଂସ୍କୃତିକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର କରିବା ଏହି ଆୟୋଜନର




ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିସହିତ ଯୁବପିଢ଼ି ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୌଡ଼ ଏବଂ ନିୟମିତ ବ୍ୟାୟାମ ପ୍ରତି ଆଗ୍ରହ ବଢ଼ାଇବା ସହ ସୁସ୍ଥ ଓ ସକ୍ରିୟ ଜୀବନ ଶୈଳୀ ଆପଣାଇବାର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ ଓଡ଼ିଶାର ପର୍ଯ୍ୟଟନ ଐତିହ୍ୟ, ପ୍ରାକୃତିକ ସମ୍ପଦ ଓ ସାଂସ୍କୃତିକ ବିବିଧତାର ପ୍ରଚାର ସହ ସୁସ୍ଥ ଜୀବନଶୈଳୀର ପ୍ରସାର ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ।

ଏହି 'ଓଡ଼ିଶା ପ୍ରୋମୋ ରନ୍' କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ମୁର୍ମୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସାରଙ୍ଗ ଧର ବରିହା, ଅନ୍ୟାନ୍ୟ ଜନପ୍ରତିନିଧି ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଉକି ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୩ ଡିସେମ୍ବର ୨୦୨୬ରେ ଆୟୋଜିତ ହେବାକୁ ଥିବା 'ପୁରୀ କୋଷ୍ଟାଲ ମାରାଥନ୍–୨୦୨୬'ରେ ଅଂଶଗ୍ରହଣ କରିବେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ସେପ୍ଟେମ୍ବର, ୨୦୨୬ ସୋମବାର





### ସାଭିଲ ରୋ ଭୁବନେଶ୍ୱରକୁ ଆସିଲା

# ମେଫେୟାର କନଭେନସନରେ ପ୍ରସିଦ୍ଧ ମାଷ୍ଟର ଦରଜୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମେଫେୟାର ହୋଟେଲ୍ସ ଏଣ୍ଡ୍ ରିଜର୍ଟସ୍, କୋନାର୍କ ପବ୍ଲିସର୍ସଙ୍କ ସହଯୋଗରେ ମେଫେୟାର କନଭେନସନରେ "Bespoken: From Tunapuna to Buckingham Palace' ପୁସ୍ତକର ଭୁବନେଶ୍ୱର ସଂସ୍କରଣ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକ ପ୍ରଫେସର ଆଣ୍ଟୁ ଏମ୍. ରାମରୁପ ଓବିଇ ସିଏମ୍‌ଟିଙ୍କ ଅସାଧାରଣ ଜୀବନଗାଥାକୁ ନଗରକୁ ଆଣିଛି — ଯିଏ ତ୍ରିନିଡାଡ୍‌ରେ ଜନ୍ମ ନେଇ ସାଭିଲ ରୋର ପ୍ରଥମ ଅଶ୍ୱେତ (ବ୍ଲାକ୍) ମାଲିକ ଭାବେ ଏକ ଦରଜୀ ପ୍ରତିଷ୍ଠାନର ମାଲିକାନା ଲାଭ କରିଥିଲେ। ଓଡ଼ିଶାର ଲେଖକ ତଥା ପୂର୍ବତନ ସିଭିଲ ସର୍ଭାଣ୍ଟ ଅଶୋକ କୁମାର ବଳଙ୍କ ଦ୍ୱାରା ରଚିତ ୩୬୪ ପୃଷ୍ଠାର ଏହି ଜୀବନୀ ରାମରୁପଙ୍କ କ୍ୟାରିବିଆନ ଜୀବନରୁ ଆରମ୍ଭ କରି ଲଣ୍ଡନର ପ୍ରସିଦ୍ଧ ମରିସ୍ ସେଡ୍‌ୱେଲ ଦରଜୀ ପ୍ରତିଷ୍ଠାନର ନେତୃତ୍ୱ ପର୍ଯ୍ୟନ୍ତ, ଏବଂ ଶେଷରେ ବକିଙ୍ଘାମ ପ୍ରାସାଦରୁ ସମ୍ମାନ ପ୍ରାପ୍ତି ପର୍ଯ୍ୟନ୍ତର ଯାତ୍ରାକୁ ଚିତ୍ରଣ କରିଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଶଶୀକାନ୍ତ ମିଶ୍ର ଉପସ୍ଥିତ ଥିଲେ, ଏବଂ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମେଫେୟାର ହୋଟେଲ୍ସ ଏଣ୍ଡ୍ ରିଜର୍ଟସ୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ପୂଜା ରାୟ; କୋଲକାତାସ୍ଥିତ ବ୍ରିଟିଶ ଉପ ହାଇକମିଶନର ଡକ୍ଟର ଆଣ୍ଟୁ ଫ୍ଲେମିଂ; ସ୍ୱୟଂ ପ୍ରଫେସର ରାମରୁପ; ଏବଂ ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ନିର୍ମାତା ଶ୍ରୀମତୀ ବଳାକା ଘୋଷ ଉପସ୍ଥିତ ଥିଲେ। ଏହି ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତି ପୁସ୍ତକର ବିଶ୍ୱବ୍ୟାପୀ ପରିସର ତଥା ବିଭିନ୍ନ କ୍ଷେତ୍ର ମଧ୍ୟରେ ସାମଞ୍ଜସ୍ୟକୁ ପ୍ରତିଫଳିତ କରୁଥିଲା, ଯାହା ଓଡ଼ିଶାର ସାହିତ୍ୟିକ ଓ ନ୍ୟାୟିକ ମହଲକୁ ବ୍ରିଟିଶ କୂଟନୀତି ଏବଂ ଶିଳ୍ପକଳାର ଜଗତ ସହ ଯୋଡ଼ିଥିଲା। ପ୍ରଫେସର ରାମରୁପଙ୍କ ଅସାଧାରଣ ଉତ୍ଥାନ ବ୍ୟତୀତ, "Bespoken'କୁ ଦକ୍ଷତା, ପ୍ରବାସ ଓ ଭାରତୀୟ ପ୍ରବାସୀ ସମାଜ ଉପରେ ଏକ ବ୍ୟାପକ ଚିନ୍ତନ ଭାବେ ମଧ୍ୟ ଦେଖାଯାଉଛି — ଏହି ବିଷୟଗୁଡ଼ିକ ଅଶୋକ କୁମାର ବାଳଙ୍କ ନିଜ ଗବେଷଣା ସହ ଘନିଷ୍ଠ ଭାବେ ଜଡ଼ିତ, ଯାହାଙ୍କର ପୂର୍ବ ପୁସ୍ତକ "Gajapati: A King Without a Kingdom' ମଧ୍ୟ ପ୍ରସିଦ୍ଧ। ୧୯୬୪ରେ ମରିସ୍ ସେଡ୍‌ୱେଲରେ ଯୋଗଦେଇ ୧୯୮୮ରେ ଏହାର ମାଲିକାନା ହାସଲ କରିଥିବା ରାମରୁପ ପରେ ନିଜର ଏହି ଦକ୍ଷତାକୁ ନୂତନ ପିଢ଼ିକୁ ହସ୍ତାନ୍ତର କରିବା ପାଇଁ 'ସାଭିଲ ରୋ ବେସପୋକ୍ ଏକାଡେମି' ପ୍ରତିଷ୍ଠା କରିଥିଲେ, ଯାହା ଏହି ଜୀବନୀର ଦକ୍ଷତା, ଉଦ୍ୟୋଗ ଓ ପ୍ରତିନିଧିତ୍ୱ ସମ୍ବନ୍ଧୀୟ କାହାଣୀର ମୂଳରେ ରହିଛି। କୋନାର୍କ ପବ୍ଲିସର୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କେ. ପି. ଆର. ନାୟାର୍ କହିଛନ୍ତି, "ଏହି ପୁସ୍ତକକୁ ଭୁବନେଶ୍ୱରକୁ ଆଣିବା ବିଶେଷ ଭାବେ ଅର୍ଥପୂର୍ଣ୍ଣ, କାରଣ ଅଶୋକ କୁମାର ବାଳଙ୍କ ଗବେଷଣା ଦୀର୍ଘଦିନ ଧରି ଓଡ଼ିଶାର ଇତିହାସ ଓ ସଂସ୍କୃତି ସହ ଜଡ଼ିତ ରହିଆସିଛି।" "Bespoken' ବର୍ତ୍ତମାନ ଆମାଜନ ଇଣ୍ଡିଆ, ପ୍ରମୁଖ ପୁସ୍ତକ ବିପଣି ଏବଂ ସିଧାସଳଖ କୋନାର୍କ ପବ୍ଲିସର୍ସ ମାଧ୍ୟମରେ ଉପଲବ୍ଧ।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଚାନ୍ଦିଲି ହାଇସ୍କୁଲରେ ପ୍ରଭାବିତ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ସହ ସ୍ଥାନୀୟ ନେତୃବୃନ୍ଦ ଓ ଅଧିକାରୀଙ୍କ ସହିତ ସହାୟତା ପ୍ରଦାନ ସମ୍ପର୍କରେ ଆଲୋଚନା କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ମୁଣ୍ଡଲୀରେ...

ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ବୈତରଣୀ ଓ ବୁଢ଼ାବଳଙ୍ଗ ନଦୀରେ ମଧ୍ୟ ଜଳସ୍ତର ହ୍ରାସ ପାଉଛି। ଜଳକା ନଦୀରେ ଜଳସ୍ତର ବର୍ତ୍ତମାନ ସ୍ଥିର ରହିଥିବାବେଳେ ଆଗାମୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ସ୍ଥିତିରେ ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ବୋଲି କୁହାଯାଇଛି। ସାଳନ୍ଦୀ ନଦୀରେ ଏବେ ବି ଜଳବନ୍ଦୀ ସ୍ଥିତି ଲାଗି ରହିଛି। ତେବେ ବ୍ରାହ୍ମଣୀ ନଦୀରେ ବର୍ତ୍ତମାନ କୌଣସି ବନ୍ୟା ପରିସ୍ଥିତି ନାହିଁ। ଦକ୍ଷିଣ ଓଡ଼ିଶାରେ ମଧ୍ୟ ବନ୍ୟାର ପ୍ରଭାବ ଧୀରେ ଧୀରେ କମୁଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି।

## ଆତଙ୍କବାଦକୁ ...

ସେ ରାମ ଜନ୍ମଭୂମି ଆନ୍ଦୋଳନ ସହିତ ମଧ୍ୟ ଜଡିତ ଥିଲେ। ସେ ସାମାଜିକ ଭେଦଭାବ ଏବଂ ଅସମାନତା ଭଳି ବିଷୟ ଉପରେ ମଧ୍ୟ କାର୍ଯ୍ୟ କରିଥିଲେ। ସାମାଜିକ ଏବଂ ସାଂସ୍କୃତିକ ସେବା ପ୍ରତି ସମର୍ପିତ ବ୍ୟକ୍ତି ଭାବେ ପ୍ରଧାନମନ୍ତ୍ରୀ ତାଙ୍କ ଜୀବନକୁ ସ୍ମରଣ କରିଥିଲେ।ପ୍ରଧାନମନ୍ତ୍ରୀ ଗୁଜରାଟର ମୋଧେରା ସୂର୍ଯ୍ୟ ମନ୍ଦିର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଏହି ମନ୍ଦିର ୧୦୨୫ ମସିହାରେ ରାଜା ଭୀମଦେବ-୧ମଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ୧୦୨୬ ମସିହାରେ ଗଜନୀର ମହମୁଦ ସୋମନାଥ ଉପରେ ଆକ୍ରମଣ କରିଥିଲେ ଏବଂ ମୋଧେରା ଉପରେ ମଧ୍ୟ ଆକ୍ରମଣ କରି କ୍ଷତିଗ୍ରସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୋଧେରା ମନ୍ଦିର ଧ୍ୱଂସ ହେବାର ପ୍ରାୟ ଏକ ହଜାର ବର୍ଷ ବିତିଗଲାଣି। ଏହା ପରେ ଭୀମଦେବ ସଂଘର୍ଷ କରିଥିଲେ ଏବଂ ମନ୍ଦିରର ପୁନଃନିର୍ମାଣ କରାଇଥିଲେ।ସେ କହିଥିଲେ ଯେ ମୋଧେରା ସୂର୍ଯ୍ୟ ମନ୍ଦିର କେବଳ ଧାର୍ମିକ ବିଶ୍ୱାସର କେନ୍ଦ୍ର ନୁହେଁ, ବରଂ ସୂର୍ଯ୍ୟ ପୂଜା ମାଧ୍ୟମରେ ଆଲୋକ, ଶକ୍ତି ଏବଂ ବିଜ୍ଞାନ ସହିତ ଜଡ଼ିତ ଭାରତୀୟ ପରମ୍ପରାକୁ ମଧ୍ୟ ପ୍ରତିଫଳିତ କରୁଛି। ମୋଧେରାକୁ ଦେଶର ପ୍ରଥମ 'ସୌର ଗ୍ରାମ' ଭାବେ ବର୍ଣ୍ଣନା କରି ସେ କହିଥିଲେ ଯେ ପ୍ରାଚୀନ ଐତିହ୍ୟ ଏବଂ ସବୁଜ ଭବିଷ୍ୟତକୁ ଯୋଡ଼ିବାର ପ୍ରୟାସ ଏଠାରେ ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ମନ୍ କି ବାତ୍' ହେଉଛି ଦେଶର ଯେଉଁ ଦିଗଗୁଡ଼ିକ ଉପରେ ସାଧାରଣତଃ କମ୍ ଆଲୋଚନା କରାଯାଇଥାଏ, ସେଗୁଡ଼ିକୁ ସାମ୍ନାକୁ ଆଣିବା ପାଇଁ ଏକ ମଞ୍ଚ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଏବଂ ସେମାନଙ୍କ ସଫଳତାକୁ ସାମ୍ନାକୁ ଅଣାଯାଏ।

## ୟେମେନ୍ ବଜାରରେ ...

ସମେତ ୭ ଜଣ ଲୋକଙ୍କର ମୃତ୍ୟୁ ହୋଇଛି ଓ ୪୦ ଜଣ ଲୋକ ଆହତ ହୋଇଛନ୍ତି। ପରେ ୟେମେନର ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସରକାର କହିଥିଲେ ଯେ, ଏହାର ସେନା ସମାନ ଛକରେ ଥିବା ଏକ ହୁତି ସାମରିକ ଶିବିର ଓ ଯାନବାହନକୁ ଟାର୍ଗେଟ କରିଥିଲେ।

## ଦେଶର ପ୍ରଥମ ...

ଷ୍ଟେସନ୍ ସବୁକିଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଛି ଏବଂ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ଉଦ୍‌ଘାଟନ କରି ସେ ଦେଶକୁ ବିଶ୍ୱରେ ୪ ରାଷ୍ଟ୍ର ମଧ୍ୟରେ ରଖିଛନ୍ତି। ଶ୍ରୀ ଶାହ କହିଛନ୍ତି, କଂଗ୍ରେସ କେବଳ ଦେଶ ବିରୋଧୀ କଥା କହୁଛି। ଦେଶର ଲୋକମାନେ ସେମାନଙ୍କୁ ତଥ୍ୟ ସହ ଆଲୋଚନା କରିବାକୁ କହିବା ଉଚିତ। କଂଗ୍ରେସ, କେବଳ ଠକେଇ, ଦୁର୍ନୀତି ଛଡ଼ା ଆଉ କିଛି କରିନି। କଂଗ୍ରେସ ୧୨ ଲକ୍ଷ କୋଟି ଟଙ୍କାର ଦୁର୍ନୀତି କରିଛି। କିନ୍ତୁ ମୋଦୀଙ୍କୁ ୧୨ ବର୍ଷ ମଧ୍ୟରେ ୪ ଅଣାର ଦୁର୍ନୀତି କରିଥିବା କଥା କେହି କହିନାହାନ୍ତି।

## ବନ୍ୟା ପ୍ରଭାବିତ ...

କ୍ଷତିପୂରଣ/ସହାୟତା ରାଶି ଯୋଗାଇଦେବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟା ଯୋଗୁଁ ଜମିରେ ଜମି ରହିଥିବା ପାଣିକୁ ନିଷ୍କାସନ କରିବା ପାଇଁ ଏକ ଟେକ୍ନିକାଲ୍ ଟିମ୍ ନିୟୋଜିତ କରାଯିବ। ପାଣି ନିଷ୍କାସନ ପରେ ଉକ୍ତ ଜମିରେ କିପରି ପୁନର୍ବାର ଚାଷ କରାଯାଇପାରିବ, ସେଥିପ୍ରତି ମଧ୍ୟ ଆବଶ୍ୟକ ଧ୍ୟାନ ଦିଆଯିବ। ବନ୍ୟା ପୀଡ଼ିତମାନଙ୍କ ନିକଟରେ ତୁରନ୍ତ ଆବଶ୍ୟକ ସହାୟତା ପହଞ୍ଚାଇବା ସହ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ଚାଷ କାର୍ଯ୍ୟକୁ ସ୍ୱାଭାବିକ କରିବା ଦିଗରେ ସମନ୍ୱିତ ଭାବେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ଦିଗ୍‌ଦର୍ଶନ ଦିଆଯାଇଥିଲା। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ, ସ୍ପେଶାଲ୍ ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାପାଳ, କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ବିଧାୟକ ତାରା ପ୍ରସାଦ ବାହିନିପତି, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ବିଧାୟକ ରଘୁ ରାମ ମାଛ, ଜୟପୁର ଉପଜିଲ୍ଲାପାଳ ସୁଶ୍ରୀ ଶୁଭ୍ରା ପଣ୍ଡା, ଉପଜିଲ୍ଲାପାଳ କୋରାପୁଟ ସୁଶ୍ରୀ ଫାବି ରଶିଦ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବେଣୁଧର ଶବରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନେପାଳରେ ଭୟଙ୍କର...

ଦଳ ଓ ଦଉଡ଼ି ଲଗାଇବାରେ ନିୟୋଜିତ ଟିମକୁ ବେସ୍ କ୍ୟାମ୍ପରୁ ଖାଲି କରାଯାଇଥିଲା। ତେବେ କିଛି ଲୋକ ସେଠାରେ ରହିଯାଇଥିଲେ। ପରେ ରବିବାର ସକାଳେ ହିମସ୍ଖଳନ ଘଟିଥିବା ଜଣାପଡ଼ିଛି।

## ଡିଜିଟାଲ୍ ନବସୃଜନ...

ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀମତୀ ପରିଡ଼ା ନିଜ ବକ୍ତବ୍ୟରେ, ଜୀବିକା ସୃଷ୍ଟି, ଉଦ୍ୟୋଗିତାର ବିକାଶ ଏବଂ ସ୍ଥାନୀୟ ସମୁଦାୟକୁ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ଭାଗିଦାରୀ କରିବାରେ ପର୍ଯ୍ୟଟନର ପରିବର୍ତ୍ତନକାରୀ ସାମର୍ଥ୍ୟ ଉପରେ ଆଲୋକପାତ କରିଥିଲେ। ପର୍ଯ୍ୟଟନର ଲାଭ ଯେପରି ସ୍ଥାନୀୟ ସମୁଦାୟ ନିକଟରେ ପହଞ୍ଚିପାରିବ ଏବଂ ଯୁବବର୍ଗ, ମହିଳା, ଉଦ୍ୟୋଗୀ, କାରିଗର ଓ ପର୍ଯ୍ୟଟନ ସେବା ପ୍ରଦାନକାରୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ, ତାହା ନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି)ର ବିଳାସପୂର୍ଣ୍ଣ କୋଚଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ପ୍ରସାରଣ ଏବଂ ଓଡ଼ିଶା ପର୍ଯ୍ୟଟନର ବିବିଧ ଆକର୍ଷଣ ଓ ପଦକ୍ଷେପ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପର୍ଯ୍ୟଟନ ବିଭାଗ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ହୋମ୍‌ଷ୍ଟେଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି, ସାହସିକ ପର୍ଯ୍ୟଟନର ପ୍ରସାର ପାଇଁ 'ଇଣ୍ଡିଆନ୍ କାୟାକିଂ ଆଣ୍ଡ କାନୋଇଂ ଆସୋସିଏସନ୍' ସହ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ହୋମ୍‌ଷ୍ଟେ ଯୋଜନା ଅଧୀନରେ ୧୭୬ ଜଣ ହିତାଧିକାରୀଙ୍କୁ ଅସ୍ଥାୟୀ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ସାହସିକ ପର୍ଯ୍ୟଟନ ଆୟୋଜକଙ୍କୁ ଏଲ୍‌ଟିଓ / ଆରଟିଏସ୍ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। 'ଡିଜିଟାଲ୍ ନବସୃଜନ ସହ ପର୍ଯ୍ୟଟନର ପୁନଃ ପରିକଳ୍ପନା' ଶୀର୍ଷକ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

## ୨୮ରୁ ୩୦ ଓଡ଼ିଶାରେ ...

ନିମନ୍ତେ ସରକାର ଇତିହାସରେ ପ୍ରଥମ ଥର ପାଇଁ ରବିବାର ବ୍ୟାଙ୍କ ଖୋଲିଥିଲେ। ରବିବାର ବ୍ୟାଙ୍କ ଖୋଲିଥିବାରୁ ସେମାନଙ୍କୁ ଅନ୍ୟ ଏକ ଦିନରେ ଛୁଟି ଦେବାକୁ ପଡ଼ିବ କିମ୍ବା ଦୁଇଗୁଣା ଅଧିକ ଅର୍ଥ ଦେବାକୁ ପଡ଼ିବ। ଏ ବାବଦରେ ସରକାରଙ୍କୁ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ସରକାର ଏଭଳି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବାବେଳେ କର୍ମଚାରୀମାନଙ୍କ ନ୍ୟାଯ୍ୟା ଦାବିକୁ ମାନୁ ନାହାନ୍ତି। ସରକାର ଯେ ପର୍ଯ୍ୟନ୍ତ ବ୍ୟାଙ୍କରେ ୫ ଦିନିଆ କାର୍ଯ୍ୟଦିବସ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଇନାହାନ୍ତି ସେ ପର୍ଯ୍ୟନ୍ତ ସଂଘ ଧର୍ମଘଟରୁ ଓହରିବ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଧର୍ମଘଟ ଦ୍ୱାରା ଶାଖାରେ ଟଙ୍କା ଜମା ଓ ଉଠାଣ, ପାସ୍‌ବୁକ୍ ଅପଡେଟ୍, ଚେକ୍ କ୍ଲିୟରାନ୍ସ, ଡିମାଣ୍ଡ ଡ୍ରାଫ୍ଟ, କେୱାଇସି ଓ ଆକାଉଣ୍ଟ ସମ୍ବନ୍ଧିତ କାର୍ଯ୍ୟ, ଋଣ କାର୍ଯ୍ୟ, ଲକର ସେବା ଏବଂ ବ୍ୟାଙ୍କର ଅର୍ଦ୍ଧବାର୍ଷିକ କ୍ଲୋଜିଂ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏହାବ୍ୟତୀତ ଏଟିଏମ୍ ମଧ୍ୟ ଟଙ୍କା ଶେଷ ହୋଇଯିବା ଆଶଙ୍କା ରହିଛି।

# ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ବାତିଲ ହୋଇଥିବା ଟ୍ରେନ୍ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ: ୨୮ ଏବଂ ୨୯ ସେପ୍ଟେମ୍ବର ୨୦୨୬ରେ: ଟ୍ରେନ୍ ନଂ. ୫୮୫୦୨ କିରଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର୍। ଟ୍ରେନ୍ ନଂ. ୫୮୫୦୧ ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର୍। ଟ୍ରେନ୍ ନଂ. ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ୍। ଟ୍ରେନ୍ ନଂ. ୧୮୫୧୫ ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ୍। ଟ୍ରେନ୍ ନଂ. ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍। କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ଟ୍ରେନ୍ ନଂ. ୧୮୦୦୫ ହାଓ୍ୱଡ଼ା-ଜଗଦଲପୁର ଏକ୍ସପ୍ରେସ୍, ଯାହା ୨୬ ଏବଂ ୨୭ ସେପ୍ଟେମ୍ବର ୨୦୨୬ରେ ହାଓ୍ୱଡ଼ାରୁ ଯାତ୍ରା ଆରମ୍ଭ କରିଛି, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ସେହିଭଳି ଟ୍ରେନ୍ ନଂ. ୧୮୦୦୬ ଜଗଦଲପୁର-ହାଓ୍ୱଡ଼ା ଏକ୍ସପ୍ରେସ୍, ଯାହା ୨୮ ଏବଂ ୨୯ ସେପ୍ଟେମ୍ବର ୨୦୨୬ରେ ଜଗଦଲପୁର ପରିବର୍ତ୍ତେ ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନଂ. ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୨୭ ଏବଂ ୨୮ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନଂ. ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍, ଯାହା ୨୮ ଏବଂ ୨୯ ସେପ୍ଟେମ୍ବର ୨୦୨୬ରେ ଜଗଦଲପୁର ପରିବର୍ତ୍ତେ ଏହା କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର-କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

### ସ୍ୱଚ୍ଛତା ନିୟମ ପାଳନକୁ ଅଧିକ ସୁଦୃଢ଼ କଲା ପୂର୍ବତଟ ରେଳପଥ

# ବ୍ୟାପକ ନିରୀକ୍ଷଣ ସହ ଜନସାଧାରଣଙ୍କ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ପୂର୍ବତଟ ରେଳପଥ ଏହାର ନିରୀକ୍ଷଣ ଓ ନିୟମ ପାଳନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି। ରେଳ ପରିସରକୁ ଅଧିକ ସ୍ୱଚ୍ଛ, ସୁସ୍ଥ ଏବଂ ସ୍ଥାୟୀ କରିବା ଲକ୍ଷ୍ୟରେ ବ୍ୟାପକ ନିରୀକ୍ଷଣ ଓ ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଚାଲୁଥିବା ସ୍ୱଚ୍ଛତା ଅଭିଯାନ ଏବଂ ସ୍ୱଚ୍ଛତା ହିଁ ସେବା ୨୦୨୬ର ଉଦ୍ଦେଶ୍ୟ ଅନୁରୂପ, ଅଗଷ୍ଟ ୨୦୨୬ ମାସରେ ରେଳ ପରିସରର ସ୍ୱଚ୍ଛତାକୁ ପ୍ରଭାବିତ କରୁଥିବା ବିଭିନ୍ନ ଅନିୟମିତତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୩,୦୨୮ଟି ମାମଲା ରୁଜୁ କରାଯାଇ ୫.୮୯ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଜୁଲାଇ ୨୦୨୬ରେ ୨,୩୦୨ଟି ମାମଲା ରୁଜୁ କରାଯାଇ ୪.୪୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହି ବୃଦ୍ଧି ପୂର୍ବତଟ ରେଳପଥର ସଜାଗତା ଓ ଅଧିକ ତୀବ୍ର ନିୟମ ପାଳନ ପ୍ରକ୍ରିୟାକୁ ପ୍ରତିଫଳିତ କରୁଛି। ଯାତ୍ରୀ ଓ ଅନ୍ୟାନ୍ୟ ହିତଧାରୀଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ପ୍ରୋତ୍ସାହିତ କରିବା ସହ ରେଳ ଷ୍ଟେସନ ଓ ପରିସରର ସ୍ୱଚ୍ଛତାକୁ ପ୍ରଭାବିତ କରୁଥିବା ଅବାଞ୍ଛିତ କାର୍ଯ୍ୟକଳାପକୁ ରୋକିବା ପାଇଁ ନିୟମିତ ନିରୀକ୍ଷଣ କରାଯାଉଛି। ମାସିକ ରିପୋର୍ଟ ଅନୁଯାୟୀ, ବାଣିଜ୍ୟ ବିଭାଗ ପକ୍ଷରୁ ୬୭୬ଟି ମାମଲା ରୁଜୁ କରାଯାଇ ୧.୨୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି, ରେଳ ସୁରକ୍ଷା ବଳ ପକ୍ଷରୁ ଖୋର୍ଦ୍ଧା ରୋଡ, ରାୟଗଡ଼ା ଓ ସମ୍ବଲପୁର ଡିଭିଜନରେ ୨,୩୯୨ଟି ମାମଲା ରୁଜୁ କରାଯାଇ ୪.୬୨୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତିନୋଟି ଡିଭିଜନ ମଧ୍ୟରୁ ଖୋର୍ଦ୍ଧା ରୋଡ ଡିଭିଜନରେ ୨,୨୦୩ଟି ମାମଲା ରୁଜୁ କରାଯାଇ ୪.୫୨୬ ଲକ୍ଷ ଟଙ୍କା, ରାୟଗଡ଼ା ଡିଭିଜନରେ ୪୦୪ଟି ମାମଲାରେ ୬୨,୮୦୦ ଟଙ୍କା ଏବଂ ସମ୍ବଲପୁର ଡିଭିଜନରେ ୪୨୧ଟି ମାମଲାରେ ୭୪,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସ୍ୱଚ୍ଛତା ପାଇଁ ଏହି ସୁଦୃଢ଼ ନିୟମ ପାଳନ ବ୍ୟବସ୍ଥା ପୂର୍ବତଟ ରେଳପଥର ବ୍ୟାପକ ସ୍ୱଚ୍ଛତା ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଥିରେ ନିରୀକ୍ଷଣ, ସଚେତନତା ଓ ଜନସହଭାଗିତାକୁ ସମାନ ଗୁରୁତ୍ୱ ଦିଆଯାଉଛି। କେବଳ ଜରିମାନା ଆଦାୟ କରିବା ନୁହେଁ, ବରଂ ଆଚରଣରେ ପରିବର୍ତ୍ତନ ଆଣି ରେଳ ପରିସରକୁ ସ୍ୱଚ୍ଛ ରଖିବା ପ୍ରତି ଅଧିକ ଦାୟିତ୍ୱବୋଧ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସ୍ୱଚ୍ଛତା ନିୟମ ପାଳନ ସହିତ ପୂର୍ବତଟ ରେଳପଥ ରେଳ ଷ୍ଟେସନ ଓ ରେଳବସତିଗୁଡ଼ିକରେ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ ଓ ପରିମଳ ବ୍ୟବସ୍ଥାକୁ ମଧ୍ୟ ଅଧିକ ସୁଦୃଢ଼ କରିଛି। ଏହି ପରିପ୍ରେକ୍ଷୀରେ ୧୮ ଅଗଷ୍ଟରୁ ୩ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଚାଲୁ କରାଯାଇ ୧୭୫ଟି ରେଳ ଷ୍ଟେସନ ଓ ୧୬୦ଟି ରେଳବାଇ କଲୋନୀ ଗୁଡିକରେ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ପରେ ମଧ୍ୟ ପୂର୍ବତଟ ରେଳପଥ ପକ୍ଷରୁ ପାନୀୟ ଜଳର ଗୁଣବତ୍ତା ଉପରେ ଆକସ୍ମିକ ଯାଞ୍ଚ, ଜଳ ଟାଙ୍କି ଓ ଷ୍ଟେସନରେ ଥିବା ଜଳ ଶୀତଳକରଣ ଯନ୍ତ୍ରର ନିୟମିତ ସଫେଇ ଜାରି ରହିଛି। ଯାତ୍ରୀମାନଙ୍କୁ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ସୁରକ୍ଷିତ ଓ ଗୁଣବତ୍ତାସମ୍ପନ୍ନ ପାନୀୟ ଜଳ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପଗୁଡ଼ିକ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନକୁ ଆହୁରି ସୁଦୃଢ଼ କରୁଛି। ଚଳିତ ବର୍ଷର ଅଭିଯାନର ବିଷୟବସ୍ତୁ "ସ୍ୱଚ୍ଛତା ମେଁ ସହଭାଗ: ସ୍ୱଚ୍ଛ ଭାରତ, ବିକଶିତ ଭାରତ" ରହିଛି। ଏହି ଅଭିଯାନରେ ଜନସହଭାଗିତା, ଆଚରଣଗତ ପରିବର୍ତ୍ତନ, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ଥାୟୀ ସ୍ୱଚ୍ଛତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ଷ୍ଟେସନ ଓ ସ୍ୱଚ୍ଛ ରେଳଗାଡ଼ି ଅଭିଯାନ, ଡ୍ରେନ୍ ଓ ଶୌଚାଳୟ ସଫେଇ, ଉତ୍ପତ୍ତିସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା, "ପ୍ଲାଷ୍ଟିକ୍‌କୁ ନା" ଅଭିଯାନ ଏବଂ ଦୀର୍ଘଦିନ ଧରି ସଞ୍ଚିତ ବର୍ଜ୍ୟବସ୍ତୁ ଅପସାରଣ ଭଳି ବିଭିନ୍ନ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ରେଳ ପ୍ରଶାସନ ପକ୍ଷରୁ ଯାତ୍ରୀ, ରେଳ କର୍ମଚାରୀ, ଲାଇସେନ୍ସପ୍ରାପ୍ତ ବିକ୍ରେତା ଓ ଅନ୍ୟାନ୍ୟ ହିତଧାରୀଙ୍କୁ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରାଯାଉଛି। ତେଣୁ, ସଚେତନତା ଓ ଜନସହଭାଗିତା ସହିତ ବର୍ଦ୍ଧିତ ନିୟମ ପାଳନକୁ ଏକ ସହାୟକ ପଦକ୍ଷେପ ଭାବେ ଗ୍ରହଣ କରାଯାଇ ଅଧିକ ଦାୟିତ୍ୱବୋଧ ଏବଂ ଦୀର୍ଘସ୍ଥାୟୀ ଆଚରଣଗତ ପରିବର୍ତ୍ତନକୁ ପ୍ରୋତ୍ସାହିତ କରାଯାଉଛି।

# କଟକ ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ ଜୋରଦାର




**କଟକ, ନ୍ୟୁଜ ବ୍ୟୁରୋ**
ଐତିହାସିକ ସହର କଟକର ପ୍ରମୁଖ ରେଳ ଯୋଗାଯୋଗ କେନ୍ଦ୍ର କଟକ ରେଳ ଷ୍ଟେସନ ଏବେ ଆଧୁନିକ ରୂପ ନେଉଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନର ପୁନଃବିକାଶ କାର୍ଯ୍ୟ କରାଯାଉଛି। ପ୍ରାୟ ୩୦୩ କୋଟି ଟଙ୍କା ବ୍ୟୟରେ କଟକ ରେଳ ଷ୍ଟେସନକୁ ଏକ ଆଧୁନିକ ଓ ଯାତ୍ରୀ-ଅନୁକୂଳ ପରିବହନ କେନ୍ଦ୍ର ଭାବେ ବିକଶିତ କରାଯାଉଛି। ପୁନଃବିକାଶ ଯୋଜନାରେ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା ସହ ଯାତ୍ରୀଙ୍କ ପାଇଁ ଆଧୁନିକ ପ୍ରତୀକ୍ଷାଳୟ, ଟିକେଟ୍ କାଉଣ୍ଟର, ଏସ୍କାଲେଟର, ଲିଫ୍ଟ, ଶୌଚାଳୟ, ପାର୍କିଂ ଓ ଅନ୍ୟାନ୍ୟ ମୌଳିକ ସୁବିଧା ବିକଶିତ କରାଯାଉଛି। ଷ୍ଟେସନର ଦ୍ୱିତୀୟ ପ୍ରବେଶପଥ ଓ ଇଷ୍ଟ ସାଇଡ୍ ଷ୍ଟେସନ ବିଲ୍ଡିଂ ମଧ୍ୟ ଏହି ବିକାଶ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ୨୦୨୪ ଡିସେମ୍ବରରେ ଏହି ନୂଆ ପ୍ରବେଶପଥ ଓ ଷ୍ଟେସନ ବିଲ୍ଡିଂ ଉଦ୍‌ଘାଟିତ ହୋଇଥିଲା। ପ୍ରାୟ ୨୧,୨୭୦ ବର୍ଗଫୁଟ୍‌ର ଏସି ଅଞ୍ଚଳ, ପ୍ରାୟ ୨,୧୦୦ ବର୍ଗଫୁଟ୍‌ର ଫୁଡ୍ କୋର୍ଟ, ଆଧୁନିକ ଶୌଚାଳୟ, ପ୍ରତୀକ୍ଷାଳୟ, ଲିଫ୍ଟ ଓ ଏସ୍କାଲେଟର ଭଳି ସୁବିଧା ଏଠାରେ ରହିଛି। ଏହା ସହିତ ଯାତ୍ରୀଙ୍କ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର, ଏଟିଏମ୍ କିଓସ୍କ, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ଏବଂ ଅଧୀନରେ ସ୍ଥାନୀୟ ଉତ୍ପାଦ ବିକ୍ରୟର ବ୍ୟବସ୍ଥା ମଧ୍ୟ କରାଯାଇଛି। କଟକ ରେଳ ଷ୍ଟେସନର ଏହି ପୁନଃବିକାଶ ଫଳରେ ଯାତ୍ରୀଙ୍କ ଯାତାୟାତ ଅଧିକ ସୁଗମ ହେବା ସହ ଷ୍ଟେସନର ସାମଗ୍ରିକ ଭିତ୍ତିଭୂମି ଓ ଯାତ୍ରୀ ସେବାରେ ଉନ୍ନତି ଆସିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଓଡ଼ିଶାର ୫୯ଟି ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ବିକଶିତ କରାଯାଉଥିବା ବେଳେ କଟକ ମଧ୍ୟ ଏହି ପ୍ରକଳ୍ପର ଅଂଶ।

### କୃଷକ ବଜାର ବସ୍ତିରେ ମେୟରଙ୍କ ପରିଦର୍ଶନ

# ଜଳମଗ୍ନ ପରିବାରଙ୍କୁ ରିଲିଫ : ପମ୍ପ ଯୋଗେ ଜଳ ନିଷ୍କାସନ



**କଟକ, ନ୍ୟୁଜ ବ୍ୟୁରୋ**
ଲଗାଣ ବର୍ଷା ଯୋଗୁଁ କଟକ ମହାନଗର ନିଗମର ସିଡିଏ ୱାର୍ଡ ନମ୍ବର ୬ ଅନ୍ତର୍ଗତ କୃଷକ ବଜାର ବସ୍ତି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ବର୍ଷାଜଳ ଜମି ରହିବା ଯୋଗୁଁ ଅଞ୍ଚଳର ପ୍ରାୟ ୧୫ଟି ପରିବାର ଅସୁବିଧାରେ ପଡ଼ିଥିବା ଜଣାପଡ଼ିଛି। ଏନେଇ ସୂଚନା ପାଇବା ପରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ ଡେପୁଟି କମିଶନର ଶ୍ରୀମତୀ ଶ୍ରଦ୍ଧା ଗୃହାଚାର୍ଯ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଉଭୟେ ଜଳମଗ୍ନ ପରିବାରଗୁଡ଼ିକୁ ଭେଟି ସେମାନଙ୍କ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ବର୍ଷାଜଳ ଯୋଗୁଁ ପ୍ରଭାବିତ ହୋଇଥିବା ପରିବାରଗୁଡ଼ିକୁ ଆବଶ୍ୟକ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଅଞ୍ଚଳରେ ଜମି ରହିଥିବା ବର୍ଷାଜଳର ତୁରନ୍ତ ନିଷ୍କାସନ ପାଇଁ ଫାୟାର ବ୍ରିଗେଡ୍‌ର ପମ୍ପ ନିୟୋଜିତ କରାଯାଇଥିଲା। ପମ୍ପ ସହାୟତାରେ ଜମି ରହିଥିବା ଜଳକୁ ନିଷ୍କାସନ କରାଯାଇଥିଲା। ପରିଦର୍ଶନ ସମୟରେ ମେୟର ଶ୍ରୀ ସିଂହ ଅଞ୍ଚଳର ଡ୍ରେନେଜ ବ୍ୟବସ୍ଥା ଓ ଜଳ ନିଷ୍କାସନ ସମସ୍ୟାର ଅନୁଧ୍ୟାନ କରିଥିଲେ। ତଳିଆ ଅଞ୍ଚଳରେ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ଯେପରି ପୁନରାବୃତ୍ତି ନହୁଏ, ସେଥିପାଇଁ ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆବଶ୍ୟକ କାର୍ଯ୍ୟ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ରିତାଞ୍ଜଳୀ ବେହେରାଙ୍କ ପ୍ରତିନିଧି ଅର୍ଦ୍ଧେନ୍ଦୁ ଶେଖର ମାଝୀ, ବସ୍ତି ଉନ୍ନୟନ କମିଟିର ଅଧ୍ୟକ୍ଷ ଚନ୍ଦ୍ରଭାନୁ ରାଉତ, ସମ୍ପାଦକ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ସ୍ଥାନୀୟ ବସ୍ତିବାସିନ୍ଦା ରାଜଦୀପ ବିଶ୍ୱାଳ, ମଳେଶ୍ୱର ନାୟକ, ମୁନା ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ରିଲିଫ ବଣ୍ଟନ ଓ ଜଳ ନିଷ୍କାସନ କାର୍ଯ୍ୟରେ ସହଯୋଗ କରିଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୮ ସେପ୍ଟେମ୍ବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ପିତୃପକ୍ଷ ଆରମ୍ଭ : ପଞ୍ଚତୀର୍ଥରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ପୁରୀ, ୨୭/୦୯ ନ୍ୟୁଜ ବ୍ୟୁରୋ**



ରବିବାରଠୁ ଶ୍ରୀକ୍ଷେତ୍ରରେ ଅପରପକ୍ଷ ତଥା ପିତୃପକ୍ଷ ଆରମ୍ଭ ହୋଇଯାଇଛି। ହିନ୍ଦୁ ପରମ୍ପରା ଅନୁଯାୟୀ ମୁଖ୍ୟତଃ ପରିବାରର ଜ୍ୟେଷ୍ଠ ପୁତ୍ରମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରିଥାନ୍ତି । ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର ଓ ମାର୍କଣ୍ଡ ଆଦି ତୀର୍ଥ ପୁଷ୍କରିଣୀରେ ସାମୂହିକ ଭାବେ ତର୍ପଣ କରୁଛନ୍ତି। ରବିବାର ଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ଧରି ପିତୃପକ୍ଷ ପାଳନ ହେବ । ଆସନ୍ତା ୧୦ ତାରିଖ ଶନିବାର ମହାଳୟା ପାଳିତ ହେବ । ବର୍ଷର ଏକୋଦ୍ଦିଷ୍ଟ ଶ୍ରାଦ୍ଧ ଠାରୁ ଏହି ପକ୍ଷ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏପରିକି ଗୋତ୍ର କିମ୍ବା ନାମ ଜଣାନଥିଲେ ମଧ୍ୟ ଏହି ପକ୍ଷରେ ଶ୍ରାଦ୍ଧ ଦେବାର ବିଧାନ ରହିଛି । ବିଶ୍ୱାସ ରହିଛି, ଏହି ସମୟରେ ପିତୃପୁରୁଷମାନେ ଶ୍ରାଦ୍ଧ ଓ ପିଣ୍ଡଦାନକୁ ଅପେକ୍ଷା କରିଥାନ୍ତି । ବଂଶଧରମାନେ ନିଷ୍ଠାର ସହ ତର୍ପଣ କଲେ ପିତୃଲୋକ ସନ୍ତୁଷ୍ଟ ହୋଇ ପରିବାରକୁ ସୁଖ, ସମୃଦ୍ଧି ଓ ବଂଶବୃଦ୍ଧିର ଆଶୀର୍ବାଦ ପ୍ରଦାନ କରିଥାନ୍ତି ।

## ଧବଳେଶ୍ୱର ପୀଠରେ ୧୬୩ ଧାରା ଜାରି

# ବନ୍ୟା ପରିସ୍ଥିତି ଯୋଗୁଁ ଶ୍ରଦ୍ଧାଳୁଙ୍କ ଯାତାୟାତ ଉପରେ କଟକଣା

**କଟକ, ୨୭/୦୯ ନ୍ୟୁଜ ବ୍ୟୁରୋ**



ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଛି। ମହାନଦୀରେ ଜଳସ୍ତର ବୃଦ୍ଧି ଏବଂ ପୀଠକୁ ଯାତାୟାତ ସମୟରେ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ଏହି କଟକଣା ଲାଗୁ କରାଯାଇଛି। ଆସନ୍ତା ୨୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ବନ୍ୟାଜଳ ବୃଦ୍ଧି ପାଇବା ସହ ଧବଳେଶ୍ୱର ପୀଠକୁ ଯାତାୟାତ କରୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ନଦୀ ଓ ଜଳପଥରେ ଯାତାୟାତ ସମୟରେ ଅଘଟଣର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ଭାବେ ଏହି ପଦକ୍ଷେପ ନିଆଯାଇଛି। ଏହି ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ଧବଳେଶ୍ୱର ପୀଠକୁ ଦର୍ଶନ ପାଇଁ ନଯିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି କଟକଣା ଲାଗୁ କରାଯାଇଥିବା ଜଣାପଡ଼ିଛି। ବନ୍ୟା ସମୟରେ ନଦୀର ସ୍ରୋତ ଓ ଜଳସ୍ତରରେ ହଠାତ୍ ପରିବର୍ତ୍ତନ ଘଟିପାରୁଥିବାରୁ ଶ୍ରଦ୍ଧାଳୁଙ୍କ ଯାତାୟାତକୁ ନେଇ ପ୍ରଶାସନ କୌଣସି ପ୍ରକାର ବିପଦ ନେବାକୁ ଚାହୁଁନାହିଁ। ଫଳରେ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ପୀଠକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ଉପରେ ରୋକ ଲଗାଯାଇଛି। ଧବଳେଶ୍ୱର ପୀଠକୁ ପ୍ରତିଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥାନ୍ତି। ବନ୍ୟା ପରିସ୍ଥିତି ସମୟରେ ଅଧିକ ଲୋକଙ୍କ ଯାତାୟାତ ହେଲେ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଚାପ ସୃଷ୍ଟି ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଗୁଆ ସତର୍କତା ଭାବେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଏବଂ ମହାନଦୀର ଜଳସ୍ତର ଉପରେ ନଜର ରଖାଯାଉଛି। ଜଳସ୍ତର ହ୍ରାସ ଓ ପରିସ୍ଥିତିରେ ସୁଧାର ଆସିବା ପରେ ଧବଳେଶ୍ୱର ପୀଠକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ସମ୍ପର୍କରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଆବଶ୍ୟକତା ଅନୁଯାୟୀ କଟକଣାର ସମୟସୀମା ସମ୍ପର୍କରେ ମଧ୍ୟ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହୋଇପାରେ। ଶ୍ରଦ୍ଧାଳୁମାନେ ନଦୀ ଓ ଜଳପଥ ନିକଟକୁ ଅନାବଶ୍ୟକ ଭାବେ ନଯିବା ସହ ପ୍ରଶାସନର ନିର୍ଦ୍ଦେଶକୁ ମାନିବାକୁ ଅନୁରୋଧ କରାଯାଇଛି। ବନ୍ୟା ପରିସ୍ଥିତିରେ ନିଜ ସୁରକ୍ଷାକୁ ସର୍ବାଗ୍ରେ ରଖିବା ଏବଂ ପ୍ରଶାସନର ପରବର୍ତ୍ତୀ ସୂଚନା ଅନୁଯାୟୀ ହିଁ ପୀଠକୁ ଯାତ୍ରା କରିବାକୁ କୁହାଯାଇଛି।

## ଧାମନଗରରେ ଚଳିତ ବର୍ଷର ନବମ ବନ୍ୟା

# ଜଳମଗ୍ନ ୩୦ ପଞ୍ଚାୟତ ଓ ଏନ୍ଏସି, ୮୪ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

## ଗେଙ୍ଗୁଟି ନଦୀରେ ଭାସିଯାଇ ଯୁବତୀଙ୍କ ମୃତ୍ୟୁ

**ଧାମନଗର, ୨୭/୯ ନ୍ୟୁଜ ବ୍ୟୁରୋ**



ବୈତରଣୀ ଓ ସାଳନ୍ଦୀ ନଦୀ ସମେତ ଏହାର ଶାଖା ନଦୀଗୁଡ଼ିକରେ ଆସିଥିବା ବନ୍ୟା ଯୋଗୁଁ ଧାମନଗର ଅଞ୍ଚଳରେ ପୁଣି ଥରେ ପ୍ରଳୟଙ୍କରୀ ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ବର୍ଷକୁ ମିଶାଇ ଧାମନଗର ଅଞ୍ଚଳରେ ଏହା ନବମ ବନ୍ୟା ହୋଇଥିବା ବେଳେ ବାରମ୍ବାର ବନ୍ୟାର ଆଘାତରେ ସ୍ଥାନୀୟ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବନ୍ୟା ଜଳ ପ୍ରବେଶ କରିବା ଫଳରେ ଧାମନଗର ବ୍ଲକ୍‌ର ୩୦ଟି ପଞ୍ଚାୟତ ଏବଂ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ସଂପୂର୍ଣ୍ଣ ଭାବେ ଜଳମଗ୍ନ ହୋଇରହିଛି। ସରକାରୀ ଆକଳନ ଅନୁଯାୟୀ, ଧାମନଗର ବ୍ଲକ୍‌ର ୨୫ଟି ଗ୍ରାମପଞ୍ଚାୟତର ୬୯ଟି ଗାଁ ବନ୍ୟା ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଏହି ଗ୍ରାମାଞ୍ଚଳଗୁଡ଼ିକରେ ପ୍ରାୟ ୬୨,୦୦୦ ଲୋକ ବନ୍ୟାଜଳରେ ଆବଦ୍ଧ ହୋଇରହିଛନ୍ତି। ସେହିପରି ଧାମନଗର ଏନ୍ଏସ୍‌ର ୧୧ଟି ୱାର୍ଡର ୨୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇ କଷ୍ଟକର ସ୍ଥିତି ସାମ୍ନା କରୁଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ସହାୟତା କାର୍ଯ୍ୟକୁ ଜୋରଦାର କରାଯାଇଛି। ତଳିଆ ଓ ବିପଜ୍ଜନକ ଅଞ୍ଚଳରୁ ୧୯,୩୦୦ ଜଣ ଏବଂ ଏନ୍ଏସି ଅଞ୍ଚଳରୁ ୩,୨୦୦ ଜଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ବନ୍ୟାବିପନ୍ନଙ୍କ ପାଇଁ ଧାମନଗର ବ୍ଲକ୍‌ରେ ୩୮ଟି ଏବଂ ଏନ୍ଏସି ଅଞ୍ଚଳରେ ୨ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଚାଲୁ କରାଯାଇଛି। ଧାମନଗର ଏନ୍ଏସି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୪ କ୍ୱିଣ୍ଟାଲ୍ ଚୁଡ଼ା ଓ ୧ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ଚଳିତ ବନ୍ୟାରେ ପ୍ରାୟ ୮୦୦ ନଳକୂପ ବନ୍ୟାଜଳରେ ବୁଡ଼ିଯାଇଥିବାରୁ ବିଶୁଦ୍ଧ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପାଣି ବୋତଲ, ପାଉଚ୍ ପାଣି ଏବଂ ପ୍ରଭାବିତ ଅଞ୍ଚଳରେ ପାଣି ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ବନ୍ୟାଜଳ ପ୍ରବାହିତ ହେବା ଫଳରେ ଅଞ୍ଚଳର ପ୍ରମୁଖ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସୋହଡ଼ା-ପଧାନି, ସୋହଡ଼ା-ଖଡ଼ିପଦା, ଦୋବଲ-ଖଡ଼ିପଦା, ଖଡ଼ିପଦା-ଆନନ୍ଦପୁର ଏବଂ ଦୋବଲରୁ କ୍ଷେତ୍ରପୁର ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି କୋଠାର-ଆଖଣ୍ଡଳମଣି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ବନ୍ୟା ଦୁର୍ଦ୍ଦଶା ଭିତରେ ରବିବାର ସକାଳେ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଭୋଇ ସାହିର ପ୍ରଦୀପ ଜେନାଙ୍କ ୧୯ ବର୍ଷର ଝିଆରୀ କ୍ରିଷ୍ଣା ଜେନା ଶୌଚ ହେବାକୁ ଯାଇଥିବା ବେଳେ ଗେଙ୍ଗୁଟି ନଦୀରେ ଭାସି ନିଖୋଜ ହୋଇଯାଇଥିଲେ। ଧାମନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଲାସୀ କରି ଶବ ଉଦ୍ଧାର କରିବା ପରେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଅନ୍ୟପଟେ ବୈତରଣୀ ଓ ଏହାର ଶାଖାନଦୀ ଗେଙ୍ଗୁଟିରୁ ଗାଇଛନ୍ଦା, ମଠମାହାରା ଓ କନକେଇ ଏସକେପ୍ ଯୋଗେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଞ୍ଚିଆପାଳ ଏବଂ କମଳପୁର ଗାଁ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଦ୍ୱୀପ ସଦୃଶ ପାଲଟିଛି। ବନ୍ୟା ପରବର୍ତ୍ତୀ ଜଳବାହିତ ରୋଗର ମୁକାବିଲା ପାଇଁ ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଲର୍ଟ ମୋଡରେ ରଖାଯାଇଛି। ସାପ କାମୁଡ଼ା ଇଞ୍ଜେକ୍ସନ୍, ହଇଜା, ଆମାଶୟ, ଜ୍ୱର ସମେତ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି। ଘଟଣାସ୍ଥଳରେ ମେଡିକାଲ୍ ଟିମ୍, ୫ଟି ପ୍ରାଣୀଚିକିତ୍ସା ଟିମ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ରବିବାର ସନ୍ଧ୍ୟା ୫ଟା ସୁଦ୍ଧା ଆଖୁଆପଦା ଗେଜ୍ ଷ୍ଟେସନ୍‌ରେ ବୈତରଣୀ ନଦୀର ଜଳସ୍ତର ୧୮.୧୩ ମିଟରରେ ପ୍ରବାହିତ ହେଉଛି। ଏହା ସତର୍କତା ସଙ୍କେତ ୧୭.୮୩ ମିଟର ଟପିଥିବା ବେଳେ ବିପଦ ସଙ୍କେତ ୧୮.୩୩ ମିଟର ପାଖାପାଖି ରହିଛି। ପ୍ରଶାସନ ସମଗ୍ର ସ୍ଥିତି ଉପରେ କଡ଼ା ନଜର ରଖିଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରବିବାର ଅସୁରାଳି, କୋଠାର, ଗଡ଼ିଆଳି, ଖପରପଦା ଆଦି ପ୍ରମୁଖ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତିର ସମୀକ୍ଷା କରିଛନ୍ତି। ବନ୍ୟାବିପନ୍ନଙ୍କ ସହ ଆଲୋଚନା କରିବା ସହ ତୁରନ୍ତ ସମସ୍ତଙ୍କୁ ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ଯୋଗାଇଦେବାକୁ ସେ ପ୍ରାଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ



**ପୁରୀ, ୨୭/୦୯ ନ୍ୟୁଜ ବ୍ୟୁରୋ**

ବିଶ୍ୱରେ ଏବେ ଅରାଜକତା ଚାଲିଛି। ଧର୍ମ ସଂସ୍କୃତି ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି । ଓଡ଼ିଶାରେ ଏଭଳି ସ୍ଥିତି ନହେଉ ବୋଲି ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମାର୍ଗଦର୍ଶନ ଦେଇଛନ୍ତି । ସନାତନ ଧର୍ମ ସଂସ୍କୃତି ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପରାମର୍ଶ ନିଆଗଲେ ଉଚିତ୍ ମାର୍ଗଦର୍ଶନ ଦେଇପାରିବେ ବୋଲି ଜଗତଗୁରୁ ଶଙ୍କରାଚାର୍ଯ୍ୟ ମତ ଦେଇଛନ୍ତି । ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥାକୁ ଶଙ୍କରାଚାର୍ଯ୍ୟ ସ୍ୱାଗତ କରିଥିବା ବେଳେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁବିଧା ସୁରୁଖୁରୁରେ ହେଉ ବୋଲି ଜଗତଗୁରୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି । ଶ୍ରୀମନ୍ଦିରରେ ଆଗାମୀ ଦିନରେ ଭକ୍ତଙ୍କ ସୁବିଧା ପାଇଁ ଅନେକ ପ୍ରକଳ୍ପ ହେବାକୁ ଯାଉଛି । ଏହି ପ୍ରକଳ୍ପ ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ସମସ୍ତ ପ୍ରକଳ୍ପର ରୂପରେଖ ସମ୍ପର୍କରେ ଆଲୋଚନା କରିଛନ୍ତି । ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ଶ୍ରୀଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର, ଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନ ପ୍ରକଳ୍ପ, ରଘୁନନ୍ଦନ ପାଠାଗାର ଆଦିର ରୂପରେଖ ଓ ଅଗ୍ରଗତି ସଂପର୍କରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଅବଗତ କରାଯାଇଛି ଏବଂ ତାଙ୍କ ପରାମର୍ଶ ଲୋଡ଼ାଯାଇଛି । ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜ ଦିବ୍ୟସିଂହ ଦେବ, କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, 'ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶୀର୍ବାଦ ନେଲୁ । ଭକ୍ତଙ୍କ ସୁବିଧା ପାଇଁ ଅଗାମୀ ଦିନରେ ହେବାକୁ ଥିବା ସବୁ ପ୍ରକଳ୍ପ ବିଷୟରେ ଗୁରୁଜୀଙ୍କୁ ଅବଗତ କରାଇଛୁ। ଏହି ପ୍ରକଳ୍ପ ସଂପର୍କରେ ଗୁରୁଜୀଙ୍କ ପରାମର୍ଶ ଲୋଡ଼ିଛୁ । ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ କିଭଳି ଏକ ଭଲ ଅନୁଭୂତି ନେଇ ଫେରିବେ ସେନେଇ କାର୍ଯ୍ୟ କରିବା ଆମର ଲକ୍ଷ୍ୟ ରହିଛି ।' ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧୁସୂଦନ ସିଂହାରୀ କହିଛନ୍ତି, 'ଜଗତଗୁରୁ ଶଙ୍କରାଚାର୍ଯ୍ୟ ହେଉଛନ୍ତି ଆମ ସନାତନ ଧର୍ମ ଓ ସଂସ୍କୃତିର ଗୁରୁ ଓ ଆସ୍ଥାର ପ୍ରତୀକ। ଶ୍ରୀମନ୍ଦିରରେ ଭକ୍ତମାନେ କିଭଳି ଶୃଙ୍ଖଳିତ ଦର୍ଶନ କରି ଏକ ଭଲ ଅନୁଭୂତି ନେଇ ଫେରିବେ ସେହି ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଭକ୍ତଙ୍କ ପାଇଁ ହେବାକୁ ଥିବା ସବୁ ପ୍ରକଳ୍ପ ସଂପର୍କରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚାନା କରିଛୁ। ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଯାହା ବି କିଛି କାର୍ଯ୍ୟ ହେବ ତାହା ପୂର୍ବରୁ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତ ନିଆଯାଇ କରାଯିବ ବୋଲି ସରକାରଙ୍କ ଲକ୍ଷ୍ୟ ରହିଛି ।'

# ବାଲେଶ୍ୱରରେ ବର୍ଷା ଓ ବନ୍ୟାରେ ୩ଲକ୍ଷ ୫୭ ହଜାର ଲୋକ କ୍ଷତିଗ୍ରସ୍ତ

**ବାଲେଶ୍ୱର, ୨୭/୦୯ (ନ୍ୟୁଜ)**

ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ଓ ବିଭିନ୍ନ ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଳବ୍ୟ ମଧ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ତଥ୍ୟ ଅନୁଯାୟୀ, ଜିଲ୍ଲାର ୧୧ଟି ବ୍ଲକ୍‌ର ୧୨୬ଟି ଗ୍ରାମ ପଞ୍ଚାୟତ ଓ ୭୩୦ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୩,୫୭,୪୬୬ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୬୭,୨୬୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୧୨ଟି ଅଗ୍ନିଶମ ଦଳ, ୪ଟି ଓଡ୍ରାଫ୍ ଦଳ, ୨ଟି ଏନ୍‌ଡିଆରଏଫ୍ ଦଳ, ୬ଟି ମେଡିକାଲ୍ ଟିମ୍ ଓ ୧୭ଟି ପଶୁଚିକିତ୍ସା ଟିମ୍ ନିୟୋଜିତ ହୋଇଛନ୍ତି। ଜିଲ୍ଲାରେ ୧୪୭ଟି ମାଗଣା ରୋଷେଇ କେନ୍ଦ୍ର/ରିଲିଫ୍ କେନ୍ଦ୍ର ମାଧ୍ୟମରେ ୬୭,୨୬୬ ଜଣଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଜଳକା ଓ ସୁବର୍ଣ୍ଣରେଖା ନଦୀ ବିପଦ ସଙ୍କେତ ଉପରେ ଥିବାବେଳେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ହ୍ରାସ ପାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି। ନିମ୍ନାଞ୍ଚଳ ଓ ବିପଦପ୍ରବଣ ଅଞ୍ଚଳର ଲୋକମାନଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୭/୦୯/୨୦୨୬
୭,୩୦,୨୮୫/- ଟଙ୍କା
ସୁନା:- ୦୦ ଗ୍ରାମ୍ ୨୫୦ ମିଲିଗ୍ରାମ
ରୁପା:- ୧୩୦ଗ୍ରାମ୍ ୦୦୦ ମିଲିଗ୍ରାମ




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

## ହାଇକୋର୍ଟଙ୍କ ତାଗିଦ ପରେ ପୁଲିସର ତତ୍ପରତା


# ଥାନା ଓ ଫାଣ୍ଡିରେ ଅଚଳ ୮୨୮ ସିସିଟିଭି ସଜାଡ଼ିବାକୁ ମଗାଗଲା ୭୬ କୋଟି

**କଟକ, ୨୭/୦୯ ନ୍ୟୁଜ ବ୍ୟୁରୋ**

ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ସିସିଟିଭି ନଜରଦାରି ବ୍ୟବସ୍ଥାରେ ଦେଖାଦେଇଛି ବଡ଼ ତ୍ରୁଟି। ରାଜ୍ୟରେ ଖଞ୍ଜାଯାଇଥିବା ୧୬,୬୭୨ଟି ସିସିଟିଭି ମଧ୍ୟରୁ ୮୨୮ଟି କ୍ୟାମେରା ଅଚଳ ହୋଇପଡ଼ିଛି। ହାଇକୋର୍ଟଙ୍କ ତାଗିଦ ପରେ ଏହି କ୍ୟାମେରାଗୁଡ଼ିକୁ ତୁରନ୍ତ ସଜାଡ଼ିବା ସହ ସିସିଟିଭି ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୭୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ପାଇଁ ପୁଲିସ ବିଭାଗ ସରକାରଙ୍କ ନିକଟରେ ପ୍ରସ୍ତାବ ଦେଇଛି। ରାଜ୍ୟ ଗୃହ ସଚିବଙ୍କୁ ପୁଲିସ ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର ଲେଖିଥିବା ଚିଠିରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କ୍ରିଷ୍ଟାଲ ଇଣ୍ଟିଗ୍ରେଟେଡ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ୧୭ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୭୯୫ଟି ଏବଂ ଫାଣ୍ଡିରେ ୩୩ଟି ସିସିଟିଭି କାର୍ଯ୍ୟକ୍ଷମ ନଥିଲା। ଅଚଳ କ୍ୟାମେରା ଯୋଗୁଁ ଥାନାଗୁଡ଼ିକରେ ପୁଲିସର କାର୍ଯ୍ୟକଳାପର ରିଅଲ୍-ଟାଇମ୍ ଭିଡିଓ ନଜରଦାରି ପ୍ରଭାବିତ ହେଉଛି। ଏହା ରାଜ୍ୟ ପୁଲିସ ମୁଖ୍ୟାଳୟର କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ସହ ଜଡ଼ିତ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ୍ ଉପରେ ମଧ୍ୟ ପ୍ରଭାବ ପକାଉଛି। ରାଜ୍ୟର ୬୪୫ଟି ଥାନା ଓ ୨୬୩ଟି ଫାଣ୍ଡିରେ ୧୬,୬୭୨ଟି ସିସିଟିଭି ଖଞ୍ଜାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଥାନା ଓ ଫାଣ୍ଡିର ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୭୬ କୋଟି ଟଙ୍କାର ବଜେଟ୍ ଅର୍ଥରାଶି ରଖାଯାଇଛି। ଏହି ଅର୍ଥକୁ ଅତିରିକ୍ତ ବଜେଟ୍ ମାଧ୍ୟମରେ ଓକାକ୍‌କୁ ମଞ୍ଜୁର କରିବା ପାଇଁ ପୁଲିସ ବିଭାଗ ପ୍ରସ୍ତାବ ଦେଇଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁସାରେ, ସିସିଟିଭି ଅଚଳ ହେବା ଫଳରେ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ୍ ବିଗିଡ଼ି ଯାଉଛି। ଏହା ଫଳରେ ଥାନାଗୁଡ଼ିକରେ ପୁଲିସର କାର୍ଯ୍ୟକଳାପର ତତ୍କାଳ ଭିଡିଓ ତଥ୍ୟ କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍‌ରୁ ନଜରଦାରି କରିବା ସମ୍ଭବ ହେଉନାହିଁ। ୨୦୨୪ରେ ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ସେନା ଅଧିକାରୀଙ୍କୁ ହେପାଜତରେ ଦୁର୍ବ୍ୟବହାର ଏବଂ ତାଙ୍କ ବାନ୍ଧବୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ, ବାନ୍ଧବୀଜଣକ ଥାନାରେ ହଙ୍ଗାମା କରିବା ସହ ପୁଲିସକୁ ମାରପିଟ୍ କରିଥିବା ନେଇ ପୁଲିସ ପାଲଟା ଅଭିଯୋଗ କରିଥିଲା। ତେବେ ଥାନାରେ ସିସିଟିଭି କ୍ୟାମେରା ନଥିବାରୁ ଘଟଣା ସମ୍ପର୍କିତ ଭିଡିଓ ପ୍ରମାଣ ଉପଲବ୍ଧ ହୋଇପାରିନଥିଲା। ଏହାପରେ ଥାନାଗୁଡ଼ିକରେ ସିସିଟିଭିର ସ୍ଥିତି ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟ ସରକାର ତିନି ମାସ ମଧ୍ୟରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଥାନା ଓ ଫାଣ୍ଡିଗୁଡ଼ିକରେ ଲଗାଯାଇଥିବା ସମସ୍ତ ସିସିଟିଭି କ୍ୟାମେରା ସବୁବେଳେ କାର୍ଯ୍ୟକ୍ଷମ ରହିବା ଆବଶ୍ୟକ। ତେଣୁ ଅଚଳ କ୍ୟାମେରାଗୁଡ଼ିକୁ ତୁରନ୍ତ ସଜାଡ଼ିବା ସହ ନଜରଦାରି ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଏବେ ପୁଲିସ ବିଭାଗର ପ୍ରମୁଖ ଆହ୍ୱାନ ପାଲଟିଛି।

## ପ୍ରକାଶ ଅପେକ୍ଷାରେ ...

### ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬




### ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ


(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଧୀରେ ଧୀରେ ସୁସ୍ଥ ହେଉଛି ଛୁଆ ବାଘ : ଯମୁନା ଏନକ୍ଲୋଜର ପାଲଟିବ ନୂଆ ଠିକଣା

**ରାଇରଙ୍ଗପୁର, ୨୭/୦୯ ନ୍ୟୁଜ ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ଖପରଖାଇ ଗାଁରୁ ଉଦ୍ଧାର ହୋଇଥିବା ବାଘ ଛୁଆ ଏବେ ଧୀରେ ଧୀରେ ସୁସ୍ଥ ହେଉଛି । ଗତ ଶନିବାର ଅଢେଇ କେଜି ମାଂସ ଖାଇଛି । ଛୁଆ ବାଘଟିକୁ ଫରେଷ୍ଟ କ୍ୟାମ୍ପସ ଆଇସୋଲେସନରେ ରଖାଯାଇ ଚିକିତ୍ସା କରାଯାଉଛି । ସୁସ୍ଥ ହେବା ପରେ ଯମୁନା ଏନକ୍ଲୋଜରକୁ ସ୍ଥାନାନ୍ତର କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି । ଗତ ୪ରୁ ୫ ଦିନ ତଳେ ଖପରଖାଇ ଗାଁରେ ଏହି ଛୁଆ ବାଘଟି ବୁଲୁଥିଲା । ଶେଷରେ ଗତ ଗୁରୁବାର ଜଣେ ବ୍ୟକ୍ତିଙ୍କ ଘରକୁ ପଶି ଆସିଥିଲା। ଫଳରେ ଗ୍ରାମବାସୀ ବାଘଟିକୁ ଘରେ ବନ୍ଦ କରି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଘ ଛୁଆଟିକୁ ଉଦ୍ଧାର କରିଥିଲେ । ପ୍ରାଥମିକ ତଦନ୍ତରୁ ବାଘଟି ଅସୁସ୍ଥ ଥିବା ଜଣାପଡ଼ିଥିଲା । ବାରିପଦାରୁ ବନ୍ୟପ୍ରାଣୀ ଚିକିତ୍ସକ ଆସି ଚିକିତ୍ସା କରିଥିଲେ । ଏବେ ତା'ର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଘଟୁଛି । ତା'ର ଚିକିତ୍ସା ଜାରି ରହିଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, 'ଶନିବାର ବାଘଟିକୁ ଔଷଧ ମିଶାଇ ପ୍ରାୟ ୨.୫ କିଲୋଗ୍ରାମ ମାଂସ ଖାଇବାକୁ ଦିଆଯାଇଥିଲା । ବାଘ ଛୁଆଟି ସେ ସବୁ ସହଜରେ ଗ୍ରହଣ କରିଛି । ବର୍ତ୍ତମାନ ବାଘ ଛୁଆଟି ଶାନ୍ତ ରହିବା ସହ ତା'ର ଶାରୀରିକ ଶକ୍ତି ଧୀରେ ଧୀରେ ବୃଦ୍ଧି ପାଉଛି । ତା'ର ସ୍ୱାସ୍ଥ୍ୟାବସ୍ଥାର ସଠିକ୍ ଆକଳନ ପାଇଁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ । ଶିଘ୍ର ସୁସ୍ଥ ହେବା ପାଇଁ ବାଘଟିକୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ଶିମିଳିପାଳ କୋର୍ ଅଞ୍ଚଳରେ ଥିବା 'ଯମୁନା ଏନକ୍ଲୋଜରକୁ ସ୍ଥାନାନ୍ତର କରାଯିବ ।' ଗତ ଗୁରୁବାର ରାତିରେ ପ୍ରାୟ ୭ରୁ ୮ ମାସ ବୟସର ଏହି ବାଘ ଛୁଆଟି ପ୍ରଥମେ ଗାଁର ଏକ ଗୁହାଳ ଘରେ ପଶିଯାଇଥିଲା। ପରେ ସେଠାରୁ ଯାଇ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଏକ ପରିତ୍ୟକ୍ତ ଘର ଭିତରେ ଆଶ୍ରୟ ନେଇଥିଲା। ବାଘ ଛୁଆଟି ଅସୁସ୍ଥ ଥିବା ଓ ତା'ର ତୁରନ୍ତ ଚିକିତ୍ସା ଆବଶ୍ୟକ ବୋଲି ଜଣା ପଡିବା ପରେ ତାକୁ ଶୁକ୍ରବାର ମଧ୍ୟାହ୍ନ ସମୟରେ ବନ ବିଭାଗର କର୍ମଚାରୀମାନେ ଏକ ପଞ୍ଜୁରୀ ସାହାଯ୍ୟରେ ତାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ମଧ୍ୟପ୍ରଦେଶରୁ ଓଡ଼ିଶା ଆସିବେ ୩ ମହାବଳ

**ଭୁବନେଶ୍ୱର ୨୭/୦୯ ନ୍ୟୁଜ ବ୍ୟୁରୋ**

ମଧ୍ୟପ୍ରଦେଶରୁ ଓଡ଼ିଶାକୁ ଆସିବେ ୩ ମହାବାଳ ବାଘ । ରାଜ୍ୟ ସରକାରଙ୍କ ଔପଚାରିକ ଅନୁରୋଧକୁ ଅପେକ୍ଷା କରିଛି ମଧ୍ୟପ୍ରଦେଶ ବନବିଭାଗ । ସେମାନେ ଶୀତ ଋତୁରେ ରାଜ୍ୟ ବନବିଭାଗ ନିକଟକୁ ଏହି ପ୍ରସ୍ତାବ ପଠାଇ ପାରନ୍ତି । ରାଜ୍ୟ ସରକାରଙ୍କ ଅନୁରୋଧ ମିଳିବା ପରେ ସ୍ଥାନାନ୍ତର ପାଇଁ ବାଘ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଛତିଶଗଡ଼ ବନବିଭାଗ ପକ୍ଷରୁ କୁହାଯାଇଛି । ବନ୍ୟପ୍ରାଣୀ ବିଭାଗର ଅତିରିକ୍ତ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ(ଏପିସିସିଏଫ୍) ଏଲ୍. କୃଷ୍ଣମୂର୍ତ୍ତୀ ଗଣମାଧ୍ୟମକୁ କହିଛନ୍ତି ଯେ, ରାଜ୍ୟ ମଧ୍ୟରେ ବାଘ ସ୍ଥାନାନ୍ତର ଯୋଜନା ଅଧୀନରେ ଛତିଶଗଡ଼କୁ ୪ଟି, ଓଡ଼ିଶାକୁ ୩ଟି ଏବଂ ରାଜସ୍ଥାନକୁ ଗୋଟିଏ ବାଘ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି ।